Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 32-33

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 10-17 ଅଗଷ୍ଟ 2017 10-17 ଜହୁର୍ 1396 ହି.ଶ 17-24 ଜୁଲ୍‌କାଦା 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ<sup></sup>ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଔୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମନୁଷ୍ୟ ଯେ ପର୍ଯ୍ୟନ୍ତ ଜୀବନ୍ତ ଖୁଦାଙ୍କ ଜୀବନ୍ତ ଶକ୍ତିକୁ ଉପଲବ୍ଧ ନ କରିଛି ସେ ପର୍ଯ୍ୟନ୍ତ ତା ମନ ଭିତରୁ ସଇତାନ ବାହାରି ପାରିବ ନାହିଁ । ଏବଂ ବାସ୍ତବିକ ଏକଶ୍ୱରବାଦ ତା ହୃଦୟରେ ଦାଖଲ ହୋଇପାରିବ ନାହିଁ ଓ ନା ସେ ଖୁଦାତାଲାଙ୍କ ଅସ୍ତିତ୍ୱକୁ ନିଶ୍ଚିତ ରୂପେ ସ୍ୱୀକାର କରିପାରିବ । ତେଣୁ ଏହି ପବିତ୍ର ଓ ପୁର୍ଣ୍ଣ ଏକେଶ୍ୱରବାଦ କେବଳ ଆଁ ହଜ୍‌ରତ୍ ସଃଆଃସ ଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ ।**

# ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମୁଁ ସର୍ବଦା ଆଶ୍ଚର୍ଯ୍ୟ ଚକିତ ଯେ ଏହି ଆରବୀ ନବୀ ଯାହାଙ୍କ ନାମ ମୁହମ୍ମଦ୍ ଅଟେ (ତାଙ୍କ ନିମନ୍ତେ ହଜାର୍ ହଜାର୍ ସଲାମ୍ ଓ ଦରୁଦ୍) କିଭଳି ଉଚ୍ଚସ୍ତରର ନବୀ ଅଟନ୍ତି ଯାହାଙ୍କ ଉଚ୍ଚ ସ୍ତରର ସୀମା ଆକଳନ କରିଦେଉନାହିଁ ଏବଂ ଯାହାଙ୍କ ପବିତ୍ର ପ୍ରଭାବର ଅନୁମାନ ଲଗାଇବା ମନୁଷ୍ୟ ସାମର୍ଥ୍ୟ ବାହାରେ । କିନ୍ତୁ ଦୁଃଖର କଥା ଯେଭଳି ତାଙ୍କୁ ଚିହ୍ନିବାର କଥା ଲୋକେ ତାଙ୍କୁ ସେଭଳି ଚିହ୍ନିପାରିଲେ ନାହିଁ । ଏକେଶ୍ୱରବାଦ ଯାହା ଏ ସଂସାରରୁ ହଜି ଯାଇଥିଲା ସେ ହିଁ ଏକମାତ୍ର ବଳବାନ୍ ଥିଲେ, ଯିଏ ତାହା ପୁନର୍ବାର ସଂସାରକୁ ଫେରାଇ ଆଣିଲେ । ସେ ଅଲ୍ଲାଃଙ୍କ ସହିତ ଅତ୍ୟଧିକ ପ୍ରେମ କରୁଥିଲେ ଓ ଲୋକ ସେବାରେ ତାଙ୍କର ଜୀବନ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ ଥିଲା । ତାଙ୍କ ହୃଦୟରୁ ଭାବନା ସହିତ ଅଲ୍ଲାଃ ଅବଗତ ଥିଲେ । ତେଣୁ ସେ (ଅଲ୍ଲାଃ) ତାଙ୍କୁ ସମସ୍ତ ଅବତାର ପୂର୍ବ ପର ଆଦିଙ୍କ ମଧ୍ୟରେ ଶ୍ରେଷ୍ଠତମ ଆସନ ପ୍ରଦାନ କଲେ । ଓ ତାଙ୍କ ଜୀବଦଶାରେ ହିଁ ତାଙ୍କର ଆଶା ଓ ଅଭିଳାଷାକୁ ପୁରଣ କରିଦେଲେ । ସେ ହିଁ ସମସ୍ତ କୃପାର ଉତ୍ସ । ଅତଏବ ଯିଏ ତାଙ୍କ ଅନୁଗ୍ରହକୁ ସ୍ୱୀକାର ନ କରି କୌଣସି ପ୍ରକାର ଉପାଧି ପ୍ରାପ୍ତ କରିବାର ଘୋଷଣା କରିଥାଏ ସେ ମଣିଷ ନୁହେଁ ବରଂ ସଇତାନ୍‌ର ସନ୍ତାନ ଅଟେ । କାରଣ ସମସ୍ତ ପ୍ରକାର ଉପାଧି ହାସଲ କରିବାର ଚାବିକାଠି ଏହି ନବୀ ସଃଆଃସଙ୍କୁ ପ୍ରଦାନ କରାଯାଇଛି ଏବଂ ସମସ୍ତ ପ୍ରକାର ଜ୍ଞାନର ଗନ୍ତାଘର ତାଙ୍କୁ ପ୍ରଦାନ କରାଯାଇଛି । ଯେ ତାଙ୍କ ମାଧ୍ୟମରେ ପ୍ରାପ୍ତ କରିନଥାଏ ସେ ସଦାସର୍ବଦା ପାଇଁ ବଂଚିତ ରହିଥାଏ । ଆମେ କି ପଦାର୍ଥ ଓ ଆମର ଅସ୍ତିତ୍ୱ କଣ ? ଆମେ ଯଦି ଏ କଥା ସ୍ୱୀକାର ନ କରୁ ଯେ ପ୍ରକୃତ ଏକେଶ୍ୱରବାଦ କେବଳ ଆମେ ଏହି ନବୀଙ୍କ ଜରିଆରେ ପ୍ରାପ୍ତ କରିଛୁ ବୋଲି ତେବେ ଆମେ ନର୍କଗାମୀ ହେବୁ । ଜୀବନ୍ତ ଅଲ୍ଲାଃଙ୍କୁ ଆମେ ଏହି ପୂର୍ଣ୍ଣ ନବୀଙ୍କ ଜରିଆରେ ଏବଂ ତାଙ୍କ ଜ୍ୟୋତି ଦ୍ୱାରା ଚିହ୍ନି ପାରିଛୁ । ଏବଂ ଅଲ୍ଲାଃଙ୍କ ସହ ବାର୍ତ୍ତାଳାପ ଓ ତାଙ୍କ ଚେହେରା ଦେଖିବାର ସୌଭାଗ୍ୟ ମଧ୍ୟ ଏହି ସମ୍ମାନୀୟ ନବୀଙ୍କ ଦ୍ୱାରା ପ୍ରାପ୍ତ ହୋଇଛି । ଏହି ପଥ ପ୍ରଦର୍ଶନକାରୀଙ୍କ କିରଣ ସୂର୍ଯ୍ୟାଲୋକ ପରି ଆମ ଉପରେ ପଡ଼ିଲା ଏବଂ ଆମେ ସେ ପର୍ଯ୍ୟନ୍ତ ଆଲୋକିତ ହୋଇପାରିବା ଯେ ପର୍ଯ୍ୟନ୍ତ ଆମେ ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିଥିବା ।

ସେହି ଲୋକମାନେ ଯେଉଁମାନେ ଏ ଭାବନାରେ ମଜ୍ଜି ରହିଛନ୍ତି ଯେ ଯେଉଁ ବ୍ୟକ୍ତି ଆଁ ହଜ୍‌ରତ୍ ସଃଆଃସଙ୍କ ଉପରେ ବିଶ୍ୱାସ ଆଣିବ ନାହିଁ ବା ମୁର୍‌ତଦ୍ (ଧର୍ମଛଡ଼ା) ହୋଇଯାଏ କିନ୍ତୁ ଏକେଶ୍ୱରବାଦ ଉପରେ ତିଷ୍ଠି ରହେ ଓ ଖୁଦାଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ଜାଣେ, ସେ ମଧ୍ୟ ମୋକ୍ଷ ପାଇଯିବ । ଇମାନ ନ ଆଣିବା ସତ୍ତ୍ୱେ ବା ମୁର୍‌ତଦ୍ ହୋଇଯିବା ସତ୍ତ୍ୱେ ମଧ୍ୟ ତା ପାଇଁ କୌଣସି ଅସୁବିଧା ହେବନାହିଁ । ଯେପରି ଅବ୍‌ଦୁଲ୍ ହକିମ୍ ଖାଁ ଙ୍କର ଧର୍ମ ଅଟେ । ଏପରି ଲୋକ ବାସ୍ତବରେ ତୌହିଦ୍‌ର ପ୍ରକୃତ ଜ୍ଞାନ ରଖିନାହାଁନ୍ତି । ଆମେ ବାରମ୍ବାର ଲେଖିସାରିଛୁ ଯେ ସଇତାନ୍ ମଧ୍ୟ ଅଲ୍ଲାଃଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ମନେକରେ । କିନ୍ତୁ କେବଳ ଏକ ବୋଲି ଜାଣିନେଲେ ନଜାତ୍ ହୋଇପାରିବ ନାହିଁ ବରଂ ନଜାତ୍ ଦୁଇଟି କଥା ଉପରେ ପର୍ଯ୍ୟବେଶିତ ।

(୧) ପ୍ରଥମ ଏହା ଯେ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ ଖୁଦାତାଲାଙ୍କ ଅସ୍ତିତ୍ୱ ଓ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣିବା ।

(୨) ଦ୍ୱିତୀୟଟି ହେଉଛି ଏହା ଯେ ଏପରି ସମ୍ପୂର୍ଣ୍ଣ ପ୍ରେମ ଅଲ୍ଲାଃଙ୍କ ନିମନ୍ତେ ତା ହୃଦୟରେ ସ୍ଥାପନ ହୋଇଯାଉ ଯାହାଦ୍ୱାରା ଖୁଦାତାଲାଙ୍କ ଆଜ୍ଞା ପାଳନ କରିବା ତା ପାଇଁ ଆତ୍ମସନ୍ତୋଷ ହେବ । ଓ ତା ବିନା ସେ ବଂଚିପାରିବ ନାହିଁ । ଏବଂ ତାର ପ୍ରେମ ଅନ୍ୟ ସମସ୍ତଙ୍କ ପ୍ରେମକୁ ବିଲୋପ କରିଦେବ । ଏହି ପ୍ରକୃତ ଏକେଶ୍ୱରବାଦ ଅଟେ ଯାହା ଆମ ସୟଦ୍ ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ସଃଆଃସଙ୍କ ଅନୁସରଣ ବିନା ହାସଲ ହୋଇପାରିବ ନାହିଁ । କାହିଁକି ହାସଲ ହୋଇପାରିବ ନାହିଁ ? ଏହାର ଉତର ହେଉଛି ଏହା ଯେ ଖୁଦାଙ୍କ ଅସ୍ତିତ୍ୱ ଅଦୃଶ୍ୟରୁ ଅଦୃଶ୍ୟତର ଓ ଅତ୍ୟନ୍ତ ଗୁପ୍ତ ଅଟେ । ଯାହାକୁ ମନୁଷ୍ୟ କେବଳ ନିଜର ଶକ୍ତି ଦ୍ୱାରା ପାଇପାରିବ ନାହିଁ । ଏବଂ କୌଣସି ପ୍ରାମାଣିକ ବୁଦ୍ଧିଦ୍ୱାରା ତା ଅସ୍ତିତ୍ୱକୁ ଜାଣିହେବ ନାହିଁ । କାରଣ ବୁଦ୍ଧି କେବଳ ସେ ପର୍ଯ୍ୟନ୍ତ ଦଉଡ଼ିବ ଯେ ସେ ଏହି ବିଶ୍ୱର କାରିଗରୀ ଉପରେ ଦୃଷ୍ଟି ନିକ୍ଷେପ କରି କାରିଗରର ଆବଶ୍ୟକତାକୁ ଅନୁଭବ କରିପାରିବ । କିନ୍ତୁ ଆବଶ୍ୟକତାରୁ ଅନୁଭବ କରିବା ଗୋଟିଏ କଥା ଏ ଏହି ସ୍ଥିତିକୁ ଅଇନୁଲ୍ ୟକିନ୍ (ଆଖିରେ ଦେଖି ନିଶ୍ଚିତ କରିବା) ପର୍ଯ୍ୟନ୍ତ ପହଂଚାଇବା ଯେ ଯେଉଁ ଖୁଦାଙ୍କ ଆବଶ୍ୟକତାକୁ ଅନୁଭବ କରାଯାଇଛି ସେ ବାସ୍ତବିକ ରୂପେ ବିଦ୍ୟମାନ ଅଛନ୍ତି ଏହା ଆଉ ଗୋଟିଏ କଥା । ଯେହେତୁ ବୁଦ୍ଧିର ମାର୍ଗ ଦୁର୍ବଳ ଓ ଅସମ୍ପୂର୍ଣ୍ଣ ଓ ସଂସୟପୂର୍ଣ୍ଣ ଅଟେ । ତେଣୁ କୌଣସି ଦାର୍ଶନିକ କେବଳ ବୁଦ୍ଧି ଦ୍ୱାରା ଖୁଦାଙ୍କୁ ଚିହ୍ନିପାରିବ ନାହିଁ । ବରଂ ଅଧିକାଂଶ ଲୋକେ ଯିଏ କେବଳ ବୁଦ୍ଧି ଦ୍ୱାରା ଖୁଦାତାଲାଙ୍କ ଠିକଣା ଖୋଜିବାକୁ ଚାହୁଁଛନ୍ତି । ସେ ପରିଶେଷରେ ନାସ୍ତିକ ହୋଇଯାଉଛନ୍ତି । ସେମାନଙ୍କର ଏହି ପୃଥିବୀ ଓ ଆକାଶର କାରିଗରୀ ଉପରେ ଅନୁଧ୍ୟାନ କରିବା ତାଙ୍କୁ କୌଣସି ଲାଭ ପହଂଚାଇପାରିବ ନାହିଁ । ଓ ଖୁଦାତାଲାଙ୍କ ସମ୍ପୂର୍ଣ୍ଣତା ଉପରେ ଥଟ୍ଟା ପରିହାସ କରୁଛନ୍ତି । ସେମାନଙ୍କର ଏ ଯୁକ୍ତି ସେ ସଂସାରରେ ହଜାର ହଜାର ଏପରି ବସ୍ତୁ ମିଳେ ଯାହାଙ୍କ ଅସ୍ତିତ୍ୱର ଆମେ କୌଣସି ଲାଭ ଦେଖୁନାହୁଁ । ଆମ ବୁଦ୍ଧିର ଗବେଷଣା ଦ୍ୱାରା ତା ଭିତରେ କୌଣସି ଏପରି କାରିଗରୀ ପ୍ରମାଣିତ ହେଉନାହିଁ ଯାହାଦ୍ୱାରା କାରିଗରର ଠିକଣା ଜଣାପଡ଼ିବ ବରଂ କେବଳ ବେକାର ଓ ଆବାସ୍ତବ ବସ୍ତୁ ରୂପେ ସେମାନଙ୍କର ଅସ୍ତିତ୍ୱ ମିଳେ । ଦୁଃଖର ବିଷୟ ସେହି ଅବୋଧମାନେ ଜାଣିପାରୁନାହାଁନ୍ତି ଯେ ଜ୍ଞାନର ଅଭାବ ବସ୍ତୁର ଅଭାବକୁ ନିଶ୍ଚିତ କରେନାହିଁ । ଏପରି ଲକ୍ଷ ଲକ୍ଷ ଲୋକ ଏ ଯୁଗରେ ଅଛନ୍ତି ଯେଉଁମାନେ ନିଜକୁ ବଡ଼ ଜ୍ଞାନି ଓ ଦାର୍ଶନିକ ବୋଲି ଭାବୁଛନ୍ତି ଓ ଖୁଦାତାଲାଙ୍କ ଅସ୍ତିତ୍ୱକୁ ମାନୁନାହାନ୍ତି । ଏହା ସ୍ପଷ୍ଟ ଯେ ଯଦି କୌଣସି ଯୁକ୍ତିଯୁକ୍ତ ବୌଦ୍ଧିକ ପ୍ରମାଣ ତାଙ୍କୁ ମିଳନ୍ତା ତେବେ ସେମାନେ ଖୁଦାତାଲାର ଅସ୍ତିତ୍ୱକୁ ଅସ୍ୱୀକାର କରିନଥାନ୍ତେ । ଏବଂ ଯଦି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ପ୍ରମାଣ ବୌଦ୍ଧିକ ଦୃଷ୍ଟିକୋଣରୁ ତାଙ୍କୁ ମିଳିଥାନ୍ତା ତେବେ ସେମାନେ ଏପରି ନିର୍ଲଜ୍ଜ ଓ ଥଟ୍ଟା ପରିହାସ କରି ଅଲ୍ଲାଃଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତେ ନାହିଁ ।

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଭାଗ-୪

# ଗୋଟିଏ ବୈଠକରେ ତିନି ତଲାକ୍‌ର ଶରିୟତି ନିୟମକାନୁନ୍ ଓ ସ୍ତ୍ରୀମାନଙ୍କ ଅଧିକାର

ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ଏଡିଟର୍-ଉର୍ଦ୍ଦୁ ବଦର୍)

ବିଗତ ସଂଖ୍ୟାରେ ଆମେ ଉକ୍ତ ଆରୋପ ଗୁଡିକର ଉତର ଦେଇଥିଲୁ ଯେ "ଯଦି ନିକାହ୍ ସମୟରେ ପୁଅ ଓ ଝିଅ ଦୁଇଜଣଙ୍କର ସମ୍ମତି ନିଆଯାଉଛି ତେବେ ତଲାକ୍ ସମୟରେ ଝିଅକୁ କାହିଁକି ପଚରାଯାଉନାହିଁ ? ଏହା ସହିତ ଆମେ ଏହା ମଧ୍ୟ ବତେଇଥିଲୁ ଯେ ତଲାକ୍ ହେଉ ବା ଖୁଲା ହେଉ ଏହି ଦୁଇଟି ପରିସ୍ଥିତିରେ ଇସ୍‌ଲାମ୍ ସ୍ତ୍ରୀର ଅଧିକାରକୁ ଅତ୍ୟଧିକ ସୁରକ୍ଷିତ ରଖିଛି ।

ଏଠି ତଲାକ୍ ବିଷୟରେ ଆଉ କିଛି ବ୍ୟାଖ୍ୟା କରାଯାଉଛି । ପବିତ୍ର କୋରାନ୍ ତଲାକ୍ ବା ଖୁଲାର ନିଷ୍ପତି ପୂର୍ବରୁ କଜାକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ସୁଲାହ୍ (ଆପଷ ବୁଝାମଣା) ନିମନ୍ତେ ଭରପୁର ଚେଷ୍ଟା ହେବା ଉଚିତ୍ । ସୁତରାଂ ଅଲ୍ଲାଃତାଲା କହୁଛନ୍ତି- **ୱଇନ୍ ଖିଫ୍‌ତୁମ୍ ଶିକାକା--------କାନା ଅଲିମନ୍ ଖବିରା** । ଅର୍ଥାତ୍- ଏବଂ ଯଦି ତୁମେମାନେ ସେ ଦୁଇଜଣ (ଅର୍ଥାତ୍ ପତି ଓ ପତ୍ନୀ) ଙ୍କ ମଧ୍ୟରେ କୌଣସି ମତାନ୍ତର ଘଟିବାର ଆଶଙ୍କା କର ତା'ହେଲେ ପତିର ଆତ୍ମୀୟମାନଙ୍କ ମଧ୍ୟରୁ ଜଣେ ମଧ୍ୟସ୍ଥି ନିଯୁକ୍ତ କର । ଯଦି ସେ ଦୁଇଜଣ (ମଧ୍ୟସ୍ଥି) ଆପୋଷ ମିଳାମିଶା କରାଇବାର ଇଛା କରନ୍ତି, ତେବେ ଅଲ୍ଲାଃଙ୍କ ସେ ଦୁଇଜଣ (ଅର୍ଥାତ୍ ପତି ଓ ପତ୍ନୀ) ଙ୍କ ମଧ୍ୟରେ ମିଳାମିଶା କରାଇଦେବେ । ବାସ୍ତବରେ ଅଲ୍ଲା ହିଁ ସର୍ବଜ୍ଞ (ଓ) ସର୍ବବିଦିତ ।

ଏହି ଆୟତରେ ଅଲ୍ଲାଃତାଲା ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇବା ପାଇଁ ହୁକୁମ୍ ଦେଇଛନ୍ତି । ବେଳେବେଳେ ମାମଲା ବହୁତ ସାଧାରଣ କଥା ହୋଇଥାଏ । କିନ୍ତୁ ସ୍ୱାମୀ ସ୍ତ୍ରୀ ନିଜ ନିଜର ଆତ୍ମବଡ଼ିମା ଯୋଗୁଁ ଅଲଗା ରହିବା ପାଇଁ ଜିଦି କରି ବସନ୍ତି । ଏବଂ ବିନା କାରଣରେ ସାଧାରଣ କଥାକୁ ବଢ଼ାଇଦେଇଥାନ୍ତି । କୌଣସି ଏପରି କାରଣ ନଥାଏ ଯଦ୍ୱାରା ତଲାକ୍ ବା ଖୁଲା ହେବ । ଏହି ସମୟରେ ଯେତେବେଳେ ଆପୋଷ ମିଳାମିଲା ପାଇଁ ଘରର ମୂରବୀମାନେ ଚେଷ୍ଟା କରନ୍ତି । ସେତେବେଳେ ସେମାନେ ବୁଝିଯାଆନ୍ତି ଓ ନିଜ ଭିତରେ ସୁଲାହ୍ କରିନିଅନ୍ତି । ତେଣୁ ଏହା ବହୁତ ବଡ଼ ବୌଦ୍ଧିକ ଶିକ୍ଷା ଅଟେ ଯେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ତଲାକ୍ ବା ଖୁଲାର ନିଷ୍ପତି ହେବା ପୂର୍ବରୁ ଏହି ମାମଲାକୁ ଭଲ ରୂପେ ପରଖି ଦେବା ଉଚିତ୍ । ପୁଣି ସେମାନଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇବା ପାଇଁ ଭରପୁର ଚେଷ୍ଟା କରିବା ଉଚିତ୍ ।

ପୁଣି ଯଦି ପୁରୁଷକୁ ବିବଶ ହୋଇ (କାରଣ ଥାଇ) ତଲାକ୍ ଦେବାକୁ ପଡ଼େ ତେବେ ପବିତ୍ର କୋରାନ୍‌ରେ ହୁକୁମ୍ ଅଛି । **ଲା ତୁଖ୍‌ରେଯୁ ହୁନ୍ନା ମିମ୍ ବିୟୁତିହିନ୍ନା ୱଲା ୟଖ୍‌ରୁୟ୍‌ନା** । ଅର୍ଥାତ୍- ପୁରୁଷ ତା ମୋତଲାକା (ଯେଉଁ ସ୍ତ୍ରୀ କୁ ସେ ତଲାକ ଦେଇଛି) ସ୍ତ୍ରୀ କୁ ଘରୁ ବାହାର ନ କରୁ । ଯେପରି ତିନି ମାସର ଇଦ୍‌ଦତ୍ ସମୟ ସ୍ତ୍ରୀ ତା ସ୍ୱାମୀଙ୍କ ଘରେ ରହୁ । ଏଥିରେ ଏ ଯୁକ୍ତି ନିହିତ ଅଛି ଯେ ହୋଇପାରେ ଏ ସମୟ ଭିତରେ ନିଜ ନିଜର ମନୋମାଳିନ୍ୟ ଦୂର ହୋଇଯିବ ଓ ଆପୋଷରେ ବୁଝାମଣା ହୋଇଯିବ ।

ପାଠକେ ଟିକିଏ ଚିନ୍ତା କରନ୍ତୁ ଗୋଟିଏ ପଟେ ଅଲ୍ଲାଃତାଲା ତଲାକ ଓ ଖୁଲାର ନିଷ୍ପତି ପୂର୍ବରୁ କଜାକୁ ସୁଲାହ୍ କରାଇବା ପାଇଁ ନିର୍ଦ୍ଦେଶ ଦେଉଛି ସେହିପରି ସ୍ତ୍ରୀ କୁ ମଧ୍ୟ ସ୍ୱାମୀଙ୍କ ଘରେ ଇଦ୍‌ଦତ୍‌ର ଅବଧିକୁ ବିତାଇବା ପାଇଁ ଅନୁମତି ଦେଇଛି । ତତ୍ ସହିତ ପୁରୁଷକୁ ମଧ୍ୟ ହୁକୁମ୍ ଦେଇଛି ଯେ ସେ ମୋତଲକା ସ୍ତ୍ରୀକୁ ଘରୁ ନ ବାହାର କରୁ । କାରଣ ଯଦି ଏକତ୍ର ରହିବେ ତେବେ କୌଣସି ପ୍ରକାରେ ସୁଲାହ୍ ହୋଇପାରେ । ତେବେ ଅଲ୍ଲାଃତାଲା କିପରି ଗୋଟିଏ ବୈଠକରେ ତିନି ତଲାକ୍‌ର ନିର୍ଦ୍ଦେଶ ଦେବେ ? ତେଣୁ ପ୍ରମାଣ ହେଲା ଯେ ଗୋଟିଏ ବୈଠକରେ ତିନି ତଲାକ୍ ଦେବା ଶରିୟତ୍‌ର ହୁକୁମ୍ ନୁହେଁ ବରଂ ସାଧାରଣ ଲୋକଙ୍କ ଏହା ଏକ ଅବୁଝାମଣା ଓ ମୂର୍ଖତା ଅଟେ ।

ଏହି ଅବୁଝାମଣା ଓ ମୂର୍ଖତା ଯୋଗୁଁ 'ହଲାଲା' ପରି ଘୃଣ୍ୟ ଓ ଅତ୍ୟନ୍ତ ଲଜ୍ଜାଶୀଳ ପ୍ରଥା ସୃଷ୍ଟି ହୋଇଛି । ଯେତେବେଳେ ପୁରୁଷ କ୍ରୋଧାନ୍ୱିତ ଅବସ୍ଥାରେ ତା ସ୍ତ୍ରୀ କୁ ଗୋଟିଏ ବୈଠକରେ ତିନି ତଲାକ ଦେଇଦେଉଛି ପରେ ରାଗ ଶାନ୍ତି ହୋଇଯିବା ଫଳରେ ଅନୁତାପ କରୁଛି ଓ ପୁଣି ସେହି ସ୍ତ୍ରୀ ପାଖରେ ରହିବାକୁ ଚାହୁଁଛି ଏପରି ପରସ୍ଥିତିରେ 'ହଲାଲା' ପ୍ରଥାକୁ ଆଣିଥାଏ । କାରଣ ତାଙ୍କ ନିକଟରେ ଏପରି ତଲାକ୍ ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ମନେ କରାଯାଏ । ତେଣୁ ଏପରି ଏକ ପୁରୁଷକୁ ଖୋଜାଯାଇଥାଏ ଯିଏ ଉକ୍ତ ସ୍ତ୍ରୀ ଙ୍କ ସହିତ ନିକାହ୍ କରିବ ଓ ଗୋଟିଏ ଦିନ ନିଜ ପାଖରେ ରଖି ତଲାକ୍ ଦେବ । ଇସ୍‌ଲାମ୍ ଏପରି ସାମୟିକ ନିକାହ୍ ଅନୁମତି ଦିଏ ନାହିଁ ଓ ଏପରି ନିକାହ୍ ହରାମ୍ ଅର୍ଥାତ୍ ବୈଧ ନୁହେଁ । ଏହା ଏକ ପ୍ରକାର ବ୍ୟଭିଚାର ଅଟେ । ଆଁ ହଜ୍‌ରତ୍ ସ:ଆ:ସ 'ହଲାଲା' କରିବା ବ୍ୟକ୍ତି ଓ 'ହଲାଲା' କରାଇବା ବ୍ୟକ୍ତିଙ୍କ ଉପରେ ଲାନତ୍ (ଧିକ୍କାର) ପ୍ରେରଣ କରିଛନ୍ତି । ହଦିସ୍‌ର ଶବ୍ଦ :- **ଅଲ୍ଲା ଭଖ୍‌ବିରୁକୁମ୍-----ୱଲ୍‌ମୁହଲ୍ଲାଲହୁ** । (ସୁନନେ ଇବ୍‌ନେ ମାଜା) ଅର୍ଥାତ୍-ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ କଣ ମୁଁ ତୁମ୍ମମାନଙ୍କୁ ଭଡାଟିଆ ଷଣ୍ଢ ବିଷୟରେ କହିବି ନାହିଁ ? ସାହାବା କହିଲେ ନିଶ୍ଚିତ ରୂପେ କୁହନ୍ତୁ ହେ ରସୁଲୁଲ୍ଲାଃ ! ଆଁ ହଜ୍‌ରତ୍ ସ:ଆ:ସ କହିଲେ ଅଲ୍ଲାଃତାଲା ହଲାଲା କରିବା ବ୍ୟକ୍ତି ଓ କରାଇବା ବ୍ୟକ୍ତିଙ୍କ ଉପରେ ଲାନତ୍ କରନ୍ତୁ । ଏଠାରେ ଆମେ ଗୋଟିଏ ଆରୋପର ଉତର ଦେବାକୁ ଚାହୁଁଛୁ । କିଛି ଲୋକ ଅଜ୍ଞାନତା ହେତୁ ଏ ଆରୋପ ଲଗାଉଛନ୍ତି ଯେ ଇସ୍‌ଲାମ୍‌ରେ ପୁରୁଷକୁ ସ୍ୱାଧୀନତା ଦିଆଯାଇଛି ଯେ ସେ ଯେତେବେଳେ ଇଛା କରିବ ତା ସ୍ତ୍ରୀ କୁ ଛାଡ଼ିଦେବ କିନ୍ତୁ ସ୍ତ୍ରୀ ଯେତେ ଚେଷ୍ଟାକଲେ ମଧ୍ୟ ନିଜ ସ୍ୱାମୀକୁ ଛାଡ଼ିପାରିବ ନାହିଁ । ଏ ଆରୋଫ ସମ୍ପୂର୍ଣ୍ଣ ରୂପେ ଭୁଲ୍ ଅଟେ ଓ ମୂର୍ଖାମିର ପରିଚୟ । ଏହି ଆରୋପର ଉତର ଏପରି ଅଟେ ଯେ ଇସ୍‌ଲାମ୍ ସ୍ତ୍ରୀ କୁ ଖୁଲାର ଅଧିକାର ଦେଉଛି, ଯେପରି ଇସ୍‌ଲାମ୍ ପୁରୁଷକୁ ତଲାକ୍ ଦେବାର ଅଧିକାର ଦେଇଛି । ଇସ୍‌ଲାମ୍‌ର ଖୁଦା ମଣିଷର ଆବଶ୍ୟକତା ଓ ପ୍ରକୃତି ବିଷୟରେ ଭଲରୂପେ ଅବଗତ ଅଛନ୍ତି । ସେଥିଯୋଗୁଁ ସେ 'ତଲାକ୍' ଓ 'ଖୁଲା'ର କାନୁନ୍ ରଖିଛନ୍ତି ଓ ବିବାହକୁ ଜନ୍ମ ଜନ୍ମର ବନ୍ଧନ ବୋଲି ଅଭିହିତ କରିନାହିଁ ।

ଖୁଲା ନେବା ଅବସ୍ଥାରେ ଯଦି ପୁରୁଷ କହେ ଯେ ସେ ତା ସ୍ତ୍ରୀ ଠାରୁ ଅଲଗା ହେବାକୁ ଚାହୁଁଛନ୍ତି ତେବେ କଣ ତା ସ୍ତ୍ରୀ କୁ ତା ସହିତ ରହିବା ପାଇଁ ବାଧ୍ୟ କରାଯାଇପାରିବ ? କଦାପି ନୁହେଁ । ଯଦି ବାଧ୍ୟ କରାଯାଏ ତେବେ ତା ଉପରେ ବହୁତ ବଡ଼ ଅତ୍ୟାଚାର ହେବ । ପୁଣି କେବଳ ତାର ଇଛା ଜାଣିନେଲେ କି ଲାଭ ? ହଁ ଆମେ ନିଶ୍ଚିତ ରୂପେ ଏହା କହିବୁ ଯେ ତଲାକ୍ ହେଉ ବା ଖୁଲା ହେଉ ଅଦାଲତ୍ ଏହା ଖୁବ୍ ତଦାରଖ କରୁ ତା'ପରେ ପ୍ରତ୍ୟେକକୁ ତାଙ୍କ ଅଧିକାର ଦେଉ । ଖୁଲାର ଅଧିକାର ଦେଇ ଇସ୍‌ଲାମ୍ ମହିଳାମାନଙ୍କ ଉପରେ ବହୁତ ବଡ଼ ଏହ୍‌ସାନ୍ କରିଛି ଯେ ତାକୁ ପୁରୁଷର ମୁକାବିଲାରେ ସମାନ ଅଧିକାର ପ୍ରଦାନ କରିଛି । କଣ ଏପରି ଦୃଷ୍ଟାନ୍ତ ଅନ୍ୟ କୌଣସି ଧର୍ମରେ ମିଳେ ? ତେଣୁ ଏପରି ଆରୋପ ଲଗାଇବା ଅତ୍ୟନ୍ତ ଜୁଲମ୍ ଅଟେ ଯେ ଇସ୍‌ଲାମ୍ ମହିଳାମାନଙ୍କୁ ସମାନ ଅଧିକାର ଦେଇନାହିଁ ।

ହଦିସ୍‌ରେ ଆସୁଛି ଯେ ଜମିଲା ବିନତ୍ ସଲୁଲ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଗୋଚରେ ହାଜିର ହୋଇ କହିଲେ ଯେ ମୋତେ ମୋ ସ୍ୱାମୀ ସାବିତ୍ ବିନ୍ କଏସ୍‌ଙ୍କ ଉତମ ଚରିତ୍ର ବିଷୟରେ କୌଣସି ଶଙ୍କା ନାହିଁ, ନା କୌଣସି ଅଭିଯୋଗ ଅଛି । କିନ୍ତୁ ମୋ ମନ ତାଙ୍କ ସହିତ ମିଳୁନାହିଁ । ଏପରି ଅବସ୍ଥାରେ ମୁଁ ତାଙ୍କର ଅଧିକାର ଦେଇପାରିବି ନାହିଁ । ମତେ ତାଙ୍କଠାରୁ ଅଲଗା କରିଦିଆଯାଉ । ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ସ୍ୱାମୀଠାରୁ ଅଲଗା କରାଇଦେଲେ ।

(ବୁଖାରୀ କିତାବୁଲ୍ ଲୋକ୍---)

ଫିକ୍କା ଅହେମଦୀୟା ପର୍ସନଲ୍ ଲ ଦଫା ନଂ-୩୭ ଅନ୍ତର୍ଗତ ଲେଖାହୋଇଛି କି ଖୁଲାର ନିଷ୍ପତି ନିମନ୍ତେ କାଜିଙ୍କୁ କେବଳ ଏତିକି ନିଶ୍ଚିତ କରାଇଦେବା ଉଚିତ୍ ହେବ ଯେ ସ୍ତ୍ରୀ ନିଜେ ସ୍ୱାଧୀନଭାବେ ଖୁଲା ଚାହୁଁଛି ବୋଲି । ଖୁଲା ପାଇଁ କୌଣସି ଅନ୍ୟ କାରଣର ପ୍ରକାଶ ବା ପ୍ରମାଣ ଦେବା ଜରୁରୀ ନୁହେଁ । ସୁତରାଂ ଏହା କେଡ଼େ ସୁନ୍ଦର ଯୁକ୍ତିଯୁକ୍ତ ଶିକ୍ଷା ଅଟେ ଯେ ସ୍ତ୍ରୀ ଯଦି ଅଲଗାହେବାକୁ ଚାହୁଁଛି ତେବେ ତାର ଅଲଗା ହେବାପାଇଁ ପୁରୁଷର ଇଛା ଉପରେ ନିର୍ଭର ନୁହେଁ । ତାକୁ ତାର ଏହି ଅଧିକାର ନିଶ୍ଚିତ ରୂପେ ମିଳିବ । ଫିକ୍କା ଅହେମଦୀୟା ପର୍ସନଲ୍ ଲ ପୃଷ୍ଠା-୮୫ ରେ ଲେଖାହୋଇଛି:- "ଖୁଲା ବିଷୟରେ ମହିଳାଙ୍କୁ ଖୁଲା ନେବାର ଏପରି ଅଧିକାର ଅଛି ଯେପରି ପୁରୁଷଙ୍କୁ ତଲାକ ଦେବାର ଅଧିକାର ଅଛି । ଯେପରି କୌଣସି ବ୍ୟକ୍ତି ପୁରୁଷକୁ ତଲାକ୍ ଦେବାପାଇଁ ରୋକି ପାରିବେ ନାହିଁ ସେହିପରି କୌଣସି ବ୍ୟକ୍ତି ମହିଳାଙ୍କୁ ଖୁଲା ନେବା ପାଇଁ ମଧ୍ୟ ରୋକି ପାରିବେ ନାହିଁ ।"

ଖୁଲା ଅବସ୍ଥାରେ ଇସ୍‌ଲାମ୍ ମହିଳାଙ୍କ ଅଧିକାରର ମଧ୍ୟ ସମ୍ପୂର୍ଣ୍ଣ ଧ୍ୟାନ ରଖିଛି । ସାଧାରଣ ଅବସ୍ଥାରେ ଖୁଲା ନେବା ଅବସ୍ଥାରେ ସ୍ତ୍ରୀ କୁ ନିଜର ହକ୍ ମହରକୁ ଛାଡ଼ିବାକୁ ହୁଏ । କିନ୍ତୁ ଯଦି ସ୍ତ୍ରୀ ସ୍ୱାମୀଙ୍କ ଅତ୍ୟାଚାର ଓ ଜୁଲମ୍ ଦ୍ୱାରା ପିଡ଼ିତା ହୋଇ ଖୁଲା ନିଏ ତେବେ ଏପରି ପରିସ୍ଥିତିରେ ତାଙ୍କୁ ତାଙ୍କର ପୁରା ଅଧିକାର ଦିଆଯାଇଥାଏ । ଅର୍ଥାତ୍ ହକ୍ ମହର୍ ଦିଆଯାଏ । ଏହ ଫିକ୍କା ଅହେମଦୀୟା ପର୍ସନଲ୍ ଲ ଦଫା ନଂ-୩୮ ଅନ୍ତର୍ଗତ ଲେଖାହୋଇଛି । ତେଣୁ ତଲାକ୍ ହେଉ ବା ଖୁଲା ଇସ୍‌ଲାମ୍ ମହିଳାଙ୍କ ଅଧିକାରର ସମ୍ପୂର୍ଣ୍ଣ ଧ୍ୟାନ ରଖିଛି ଏବଂ ଏହି ଅଧିକାରର ସୁରକ୍ଷା ପାଇଁ କୌଣସି କମି କରିନାହିଁ । ଏଠାରେ ସୁଚାଇଦେବା ଜରୁରୀ ଅଟେ ଯେ ଜଣେ ମୁସଲ୍‌ମାନ୍ ପୁରୁଷ ଯେବେ ନିଜର ସ୍ତ୍ରୀ କୁ ମୌଖିକ ବା ଲିଖିତ ତଲାକ୍ ଦିଏ । ଯେଉଁଦିନ ତା ସ୍ତ୍ରୀ କୁ ଏ ବିଷୟର ଏତେଲା ମିଳେ ସେହି ଦିନଠାରୁ ତଲାକ୍‌ର ଇଦ୍‌ଦତ୍ (ସମୟ ଅବଧି) ଆରମ୍ଭ ହୋଇଯାଏ । କିନ୍ତୁ ସ୍ତ୍ରୀ ଯଦି ମୌଖିକ ବା ଲିଖିତ ରୂପେ ନିଜ ସ୍ୱାମୀଙ୍କୁ ଖୁଲାର ଏତେଲା ଦିଏ ତେବେ ତାହା ଖୁଲା ହୁଏ ନାହିଁ । ବରଂ ଖୁଲା ନିମନ୍ତେ ସ୍ତ୍ରୀକୁ କଜାରେ ନିଜ ମାମଲା ପେଶ୍ କରିବା ଜରୁରୀ ଅଟେ । ଯେଉଁ ପର୍ଯ୍ୟନ୍ତ କଜା ଖୁଲାର ନିଷ୍ପତି ନ ଦେଇଛି ଖୁଲା ହେବ ନାହିଁ । ଅର୍ଥାତ୍ ଆମେ ଅନ୍ୟ ଶବ୍ଦରେ ଏହା କହିପାରିବା ଯେ ପୁରୁଷକୁ ତଲାକ୍ କରିବା ଦ୍ୱାରା ତଲାକ ହୋଇଯାଏ ଓ ସ୍ତ୍ରୀ କୁ ଖୁଲା

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

* ଯେପରିକି ଆମେ ଅବତାରମାନଙ୍କ ଇତିହାସରେ ଦେଖିଥାଉ କି ତାଙ୍କର ନିଜକୁ ଅଲ୍ଲାଃଙ୍କ ଦୁତ ଘୋଷଣା କରିବା ପରେ ସେମାନଙ୍କ ବିରୋଧ ଆରମ୍ଭ ହୋଇଯାଇଥାଏ ।

* ପୁନଃ ଧର୍ମ ପ୍ରଚାର ସମ୍ବନ୍ଧରେ ଅଲ୍ଲାଃଙ୍କର ଏହି ପ୍ରତିଶ୍ରୁତି ରହିଛି, ମୁଁ ତୁମ ପ୍ରଚାରକୁ ଭୂପୃଷ୍ଠର ଶେଷ ସୀମା ପର୍ଯ୍ୟନ୍ତ ପହଁଚାଇଦେବି । ଆହୁରି କହିଲେ- **କତବଲ୍ଲାହୁ ଲାଅଗ୍‌ଲିବନ୍ନା ଆନା ଓ ରସୁଲି** ଅର୍ଥାତ ଅଲ୍ଲାଃ ଏହା ଲେଖିଦେଇଛନ୍ତି ଯେ, ମୁଁ ଓ ମୋର ରସୁଲ୍ ହିଁ ଜୟଯୁକ୍ତ ହେବୁ । ଏହା କେବଳ ଏକ ପ୍ରତ୍ୟକ୍ଷ ବାର୍ତ୍ତା ନୁହେଁ ଯାହାକି ହଜୁର ଆ.ସଙ୍କ ସମ୍ବନ୍ଧରେ (ନଉଜୁବିଲ୍ଲାଃ) କୁହାଯାଇଛି ବରଂ ପ୍ରତ୍ୟେକ ଯୁଗରେ ଅଲ୍ଲାଃତାଲା ଏହାର ବାସ୍ତବିକ ପ୍ରମାଣ ମଧ୍ୟ ଦେଇଛନ୍ତି ।

* ମୌଲିମ୍ ସାହେବ କୁହନ୍ତି ବାର୍ତ୍ତାଳାପ ବେଳେ ପବିତ୍ର କୋରାନ, ଇସଲାମ ଓ ହଜୁର ସ.ଆଙ୍କ ନାମ ଆସିଲେ ସେ କହୁଥିଲେ ଆପଣମାନଙ୍କୁ ଇସଲାମୀୟ ଶବ୍ଦମାନ ବ୍ୟବହାର କରିବାର କୌଣସି ଅଧିକାର ନାହିଁ ।

* ହଜୁର ଅନଓ୍ୱର ଅ.ବ କହିଲେ- ଆଜିକାଲି ଆମେ ଏହି ଭୌତିକ ସଂସାରରେ ଦେଖୁଅଛେ ଲୋକେ ସାଂସାରିକ ଉନ୍ନତି ପଛରେ ପଡ଼ି ଧର୍ମଠାରୁ ଦୂରେଇ ଚାଲିଛନ୍ତି କିନ୍ତୁ ସଂସାରରେ ଏପରି ଏକ ବର୍ଗ ମଧ୍ୟ ରହିଛି ଯେ ଧର୍ମ ପ୍ରତି ରୁଚି ରଖୁଛନ୍ତି ଏବଂ ସତ୍‌ମାର୍ଗ ପ୍ରାପ୍ତି ନିମନ୍ତେ ଚେଷ୍ଟାରତ ଅଟନ୍ତି ।

* ଆଇବ୍ରୀକୋଷ୍ଟର ମୁବଲିଗ୍ ସାହେବ ଲେଖିଛନ୍ତି- ଗୋଟିଏ ଗ୍ରାମର ଆଂଚଳିକ ମୁବଲିଗ୍‌ଙ୍କ ସହ ମୁଁ ପ୍ରଚାର ନିମନ୍ତେ ଗଲି ଏବଂ ଲୋକମାନଙ୍କୁ ହଜରତ ମସିହ ମଉଦ ଆ.ସ ଓ ଇମାମ ମେହଦିଙ୍କ ଆଗମନର ଖବର ଦେଲୁ । କିଛି ଦିନପରେ ପୁନଃ ସେହି ଗ୍ରାମକୁ ଯିବାରୁ ସେଠାକାର ମୌଲବି ସମେତ ୧୫ଜଣ ସଦସ୍ୟ ଅହେମଦିୟତ୍ ସ୍ୱୀକାର କରିନେଲେ । ସେମାନଙ୍କୁ ଆମେ କହିଲୁ ଚଳିତ ମାସରେ ଆମ ଯୁବ ଗୋଷ୍ଠୀଙ୍କ ଆନ୍ତର୍ଜାତିକ ବାର୍ଷିକ ସମାଗମ ଆବିଜାନରେ ଅନୁଷ୍ଠିତ ହେଉଅଛି ।

* ବିରୋଧିମାନଙ୍କ ଦୁଃଖଦ ପରିଣାମ ଓ ଅଲ୍ଲାଃଙ୍କ ସମର୍ଥନର ଆଉ ଏକ ଘଟଣା ଚର୍ଚ୍ଚା କରି ବେନିନ୍‌ର ମୁବଲିଗ୍ ସାହେବ ଲେଖିଛନ୍ତି ମୋ ଅଂଚଳରେ ଦୁଇ ଗୋଟି ବଡ଼ ରେଡ଼ିଓ ଷ୍ଟେସନ୍ ମାଧ୍ୟମରେ ଜମାଅତିର ପ୍ରଚାରର ସପ୍ତାହିକ କାର୍ଯ୍ୟକ୍ରମ ଜାରି ଅଛି ଯଦ୍ୱାରା ଏହି ଅଂଚଳର ଅନେକ ଲୋକ ଜମାଅତ ସମ୍ବନ୍ଧରେ ଅବଗତ ହେଉଛନ୍ତି ।

* ଶ୍ରୀମାନ ଅହେମଦ ସାହେବ କୁହନ୍ତି- ଆପଣମାନେ ଇସଲାମର ଯେଭଳି ଉଚିତ୍ ଏବଂ ସରଳ ଭାବରେ ବ୍ୟାକ୍ଷା କରୁଛନ୍ତି ସେଥିପାଇଁ ମୁଁ ଆପଣମାନଙ୍କୁ ସୁଭେଚ୍ଛା ଜ୍ଞାପନ କରୁଅଛି । ଆପଣମାନେ ଯାହା ଉପସ୍ଥାପନ କରୁଛନ୍ତି ତାହା ହଜରତ ମହମ୍ମଦ ସ.ଆଙ୍କର ପ୍ରଦତ ବାସ୍ତବିକ ଇସଲାମ ଅଟେ ।

* ପୁଣି ଦିବ୍ୟସ୍ୱପ୍ନ ମାଧ୍ୟମରେ ଅଲ୍ଲାଃ କିଭଳି ଲୋକମାନଙ୍କର ମାର୍ଗଦର୍ଶନ କରିଥାନ୍ତି, ସେଥି ସମ୍ବନ୍ଧରେ ୟମନର ଜଣେ ମହିଳା ଇମାନ ସାହେବା କୁହନ୍ତି- ମୋତେ ଛୋଟ ବେଳରୁ ଇମାମ ମେହଦିଙ୍କ ସମୟ ପ୍ରାପ୍ତ କରିବାର ପ୍ରବଳ ଇଚ୍ଛା ଥିଲା ଏବଂ ଏଥିପାଇଁ ମୁଁ ଦୁଆ ମଧ୍ୟ କରୁଥିଲି । ଏକଦା ମୁଁ ଏକ ଆରବୀ ଚ୍ୟାନେଲ୍ ଦେଖୁଥିଲି କି ସେହି କାର୍ଯ୍ୟକ୍ରମରେ ଜଣେ ପ୍ରସିଦ୍ଧ ବିଦ୍ୱାନଙ୍କୁ କେହି ଜଣେ ଅହେମଦି ଜମାଅତ ନାମ ନନେଇ ପଚାରିଲେ କି ସେମାନେ କହୁଛନ୍ତି କି ଇମାମ ମେହଦି ଆସିଯାଇଛନ୍ତି ଏବଂ ତାଙ୍କ ଅନ୍ତେ ଖିଲାଫତ୍‌ର ବ୍ୟବସ୍ଥା ଆରମ୍ଭ ହୋଇଗଲାଣି ।

* ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ବିରୋଧିମାନଙ୍କ ମନ୍ଦ ପ୍ରଚେଷ୍ଟା ସତ୍ୱେ ପବିତ୍ର ଆତ୍ମାମାନଙ୍କର ମାର୍ଗଦର୍ଶନ କରୁଛନ୍ତି ଏବଂ ସେମାନଙ୍କ ହୃଦୟ ଉନ୍ମୁକ୍ତ କରି ସେମାନଙ୍କୁ ଅହେମଦିୟତ୍ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରୁଛନ୍ତି । ଅସଂଖ୍ୟ ଏଭଳି ଘଟଣାମାନ ରହିଛି ଯାହାଙ୍କୁ ଅଲ୍ଲାଃ ସ୍ୱୟଂ ଧରି ଅହେମଦିୟତ୍ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରୁଛନ୍ତି । ହଜରତ ମସିହ ମଉଦ ଆ.ସଙ୍କ ସାହାଯ୍ୟ ଓ ସମର୍ଥନ କରିବାର ନିଦର୍ଶନ ଦେଖାଉଛନ୍ତି ।

* ହଜରତ ମସିହ ମଉଦ ଆ.ସଙ୍କୁ ଅଲ୍ଲାଃତାଲା କହିଥିଲେ- **ମୁଁ ତୁମ ନାମକୁ ସଂସାର ସମାପ୍ତ ହେବା ଦିନ ପର୍ଯ୍ୟନ୍ତ ସମ୍ମାନର ସହ ଜୀବିତ ରଖିବି ଏବଂ ତୁମ ବାର୍ତ୍ତାକୁ ଭୂପୃଷ୍ଠର ଶେଷ ସୀମା ପର୍ଯ୍ୟନ୍ତ ପହଂଚାଇ ଦେବି** । ପୁନଃ କହିଲେ ଯେଉଁମାନେ ତୁମକୁ ଅପମାନିତ ଓ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ସେମାନେ ନିଜେ ହିଁ ଅସଫଳ ହେବେ ଏବଂ ହତଭାଗାଙ୍କ ପରି ମୃତ୍ୟୁ ବରଣ କରିବେ ।

* କ'ଣ ବିରୋଧିମାନେ ମନେକରୁଛନ୍ତି କି ନିଜ ଯୋଜନାରେ, ନିଜ ମିଥ୍ୟା ଆରୋପ ଓ ଥଟ୍ଟାମଜା ଦ୍ୱାରା ଅଲ୍ଲାଃଙ୍କ ଧାର୍ଯ୍ୟ ବିଧାନକୁ ରୋକି ପାରିବେ ଅଥବା ସଂସାରବାସୀଙ୍କୁ ଠକି ଦରମଲା କରିଦେବେ । ଯଦି ପୂର୍ବେ କଦାଚିତ୍ ସତ୍ୟର ବିରୋଧିମାନେ ସଫଳତା ହୋଇଥିବେ ତେବେ ବର୍ତ୍ତମାନ ମଧ୍ୟ ଏମାନେ ସଫଳ ହୋଇଯିବେ । କିନ୍ତୁ ଏହା ପ୍ରମାଣିତ ଯେ ଅଲ୍ଲାଃଙ୍କ ବିରୋଧି ଏବଂ ତାଙ୍କ ଇଚ୍ଛା ବିରୋଧି ଯାହାକି ଆକାଶ ମାର୍ଗରେ ଧାର୍ଯ୍ୟ ରହିଛି ସେମାନେ ହିଁ ସର୍ବଦା ଅପମାନିତ ଓ ଅସଫଳ ହୋଇଥାନ୍ତି ।

* ମୁଁ କହୁଅଛି ଯେପରି ଆଦି କାଳରୁ ଅର୍ଥାତ ଆଦମଙ୍କ ଯୁଗରୁ ଆରମ୍ଭ କରି ହଜରତ ମହମ୍ମଦ ସ.ଆ ପର୍ଯ୍ୟନ୍ତ ଏହାର ଭାବାର୍ଥ ସତ୍ୟ ହୋଇ ଆସିଛି । ସେହିପରି ବର୍ତ୍ତମାନ ମଧ୍ୟ ମୋ ସମ୍ବନ୍ଧରେ ସତ୍ୟ ପ୍ରମାଣିତ ହେବ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୦୭ ଜୁଲାଇ ୨୦୧୭ ଅନୁଯାୟୀ ୦୭ ୱ଼ଫା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيْمِ - بِسْمِ اللهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ଯେପରିକି ଆମେ ଅବତାରମାନଙ୍କ ଇତିହାସରେ ଦେଖିଥାଉ କି ତାଙ୍କର ନିଜକୁ ଅଲ୍ଲାଃଙ୍କ ଦୁତ ଘୋଷଣା କରିବା ପରେ ସେମାନଙ୍କ ବିରୋଧ ଆରମ୍ଭ ହୋଇଯାଇଥାଏ । ପୁଣି ଯେମିତି ଯେମିତି ତାଙ୍କର ଜମାଅତ ପ୍ରସାର ଲାଭ କରିଚାଲେ ସେହିପରି ତାଙ୍କ ବିରୋଧ ଓ ତାଙ୍କ ପ୍ରତି ଈର୍ଷାର ଅଗ୍ନି ପ୍ରଜ୍ୱଳିତ ହୋଇଚାଲେ । କିନ୍ତୁ ଯେହେତୁ ଘୋଷଣାକାରୀ ଅଲ୍ଲାଃଙ୍କ ନିକଟରୁ ଆସିଥାନ୍ତି ତେଣୁ ଭିଷଣ ବିରୋଧ ସତ୍ୱେ ଅଲ୍ଲାଃ ତାଙ୍କର ଉନ୍ନତିର ପ୍ରତିଶ୍ରୁତି ଓ ସୁସମ୍ବାଦ ଦେଇଥାନ୍ତି । ତେଣୁ କୌଣସି ପ୍ରକାର ବିରୁଦ୍ଧାଚରଣ ତାଙ୍କ ଉନ୍ନତି ପଥରେ ବାଧକ ସାଜିନଥାଏ । ଅଲ୍ଲାଃତାଲା ଯେତେବେଳେ ହଜରତ ମସିହ ମଉଦ ଆ.ସଙ୍କୁ ମେହଦି କରି ପ୍ରେରଣ କଲେ, ଆପଣଙ୍କ ସହ ମଧ୍ୟ ନିଜର ସେହି ସୁନ୍ନତକୁ ଜାରି ରଖିଛନ୍ତି । ଯେଉଁସ୍ଥଳେ ଅଲ୍ଲାଃତାଲା ବିରୋଧ ହେବାର ସୂଚନା ଦେଇଛନ୍ତି ସେଠାରେ

ବିରୋଧିମାନଙ୍କ ଦୁଃଖଦ ପରିଣତି ଏବଂ ବିରୋଧ ସତ୍ତ୍ୱେ ଆପଣଙ୍କ ଜମାଅତ ଉନ୍ନତି କରିବା ଓ ଆପଣଙ୍କୁ ସମର୍ଥନ ପ୍ରାପ୍ତ ହେବାର ମଧ୍ୟ ସୂଚନା ଦେଇଛନ୍ତି । ସୁତରାଂ ଅଲ୍ଲାଃତାଲା ଆପଣଙ୍କୁ କହିଲେ କି ମୁଁ ତୁମ ନିଷ୍ପାପର ଓ ଅନ୍ତରରୁ ଭଲପାଉଥିବା ଦଳକୁ ସଂଖ୍ୟା ଗରିଷ୍ଠତା ପ୍ରଦାନ କରିବି । ଆଉ ଏକ ଭବିଷ୍ୟବାଣୀରେ ସୂଚନା ଦେଲେ କି ମୁଁ ତୁମ ଓ ତୁମ ପ୍ରିୟଜନଙ୍କ ସାଥିରେ ଅଛି । ଯେପରିକି ସେ କୁହନ୍ତି **ୟନ୍‌ସୁରୁକା ରିଜାଲୁନ୍ ନୁହି ଇଲୈହିମ୍ ମିନସ୍ ସମା** ଅର୍ଥାତ ତୁମ ସାହାର୍ଯ୍ୟ ସେହିମାନେ କରିବେ ଯେଉଁମାନଙ୍କ ହୃଦୟରେ ଆମେ ନିଜର ଇଲହାମ୍ କରିବୁ । ପୁନଃ ଅଲ୍ଲାଃ କୁହନ୍ତି ମୁଁ ତୁମକୁ ସମ୍ମାନିତ ଏବଂ ଉନ୍ନତି ପ୍ରଦାନ କରିବି । ଆଉ ଏକ ଭବିଷ୍ୟବାଣୀ ରହିଛି **ୟନ୍‌ସୁରୁକଲ୍ଲାହୁ ମିନ୍ ଇନ୍‌ଦିହି** ଅର୍ଥାତ ଅଲ୍ଲାଃ ସ୍ୱୟଂ ତୁମର ସାହାଯ୍ୟ କରିବେ ।

ପୁନଃ ଧର୍ମ ପ୍ରଚାର ସମ୍ବନ୍ଧରେ ଅଲ୍ଲାଃଙ୍କର ଏହି ପ୍ରତିଶୃତି ରହିଛି, ମୁଁ ତୁମ ପ୍ରଚାରକୁ ଭୂପୃଷ୍ଠର ଶେଷ ସୀମା ପର୍ଯ୍ୟନ୍ତ ପହଁଚାଇଦେବି । ଆହୁରି କହିଲେ- **କତବଲ୍ଲାହୁ ଲାଅଗଲିବନ୍ନା ଆନା ଓ ରସୁଲି** ଅର୍ଥାତ ଅଲ୍ଲାଃ ଏହା ଲେଖିଦେଇଛନ୍ତି ଯେ, ମୁଁ ଓ ମୋର ରସୁଲ୍ ହିଁ ଜୟଜୁକ୍ତ ହେବୁ । ଏହା କେବଳ ଏକ ପ୍ରତ୍ୟକ୍ଷ ବାର୍ତା ନୁହେଁ ଯାହାକି ହଜୁର ଆ.ସଙ୍କ ସମ୍ବନ୍ଧରେ (ନଉଜୁବିଲ୍ଲାଃ) କୁହାଯାଇଛି ବରଂ ପ୍ରତ୍ୟେକ ଯୁଗରେ ଅଲ୍ଲାଃତାଲା ଏହାର ବାସ୍ତବିକ ପ୍ରମାଣ ମଧ୍ୟ ଦେଇଛନ୍ତି । କେଉଁଠାରେ ଅଲ୍ଲାଃ ବିରୋଧିମାନଙ୍କ ମନ୍ଦ ଯୋଜନା ସେମାନଙ୍କ ଉପରକୁ ଫେରାଇ ନିଜ ସାହାଯ୍ୟ ଓ ଅନୁକମ୍ପାର ନିଦର୍ଶନ ଦେଖାଇଥାନ୍ତି ତ କାହାରିକୁ ସ୍ୱୟଂ ସତ୍‌ମାର୍ଗ ଦେଖଇ ଅହେମଦିଙ୍କ ସତ୍ୟବାଦୀ ହେବାର ପ୍ରମାଣ ଦେଇଥାନ୍ତି । ପୁଣି ଅଣଅହେମଦିମାନଙ୍କ ହୃଦୟରେ ଏହି ଭାବନା ପ୍ରକଟିତ କରିଥାନ୍ତି କି ସେମାନେ ବିରୋଧିମାନଙ୍କ ଆକ୍ରମଣ ବିପରୀତ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀଙ୍କ ସାହାଯ୍ୟ ସହେଯାଗ କରନ୍ତୁ । ଏଠାରେ ମୁଁ ବିରୋଧିମାନଙ୍କ ଦୁଃଖଦ ପରିଣତି ସମ୍ପର୍କିତ କିଛି ଘଟଣାମାନ ଉପସ୍ଥାପନ କରୁଅଛି ।

ନାଜିର ସାହେବ ଦାଓ୍ୱତ ଇଲ୍ଲାଃ ଲେଖିଛନ୍ତି ଇସହାକ୍ ନାମି ଜଣେ ମୌଲିମ ସାହେବ ରମଜାନ ମାସରେ ନିଜ ଗ୍ରାମର ଏକ ସମ୍ପର୍କୀୟଙ୍କ ଘରକୁ ଗଲେ,ତାଙ୍କୁ ରମଜାନ (ରୋଜା ରଖିବା ଓ ଖୋଲିବା)ର ସମୟ ସାରଣୀ ସମ୍ବନ୍ଧରେ ବୁଝାଇବାକୁ । ସେ କୁହନ୍ତି ଯେତେବେଳେ ଘର ଲୋକଙ୍କୁ ରମଜାନ ମାସର ଗୁରୁତ୍ୱ ଓ ବରକତ୍ ସମ୍ବନ୍ଧରେ ମୁଁ ବୁଝାଇ Time table ପ୍ରଦାନ କରୁଥିଲି ସେତେବେଳେ ଇକ୍‌ବାଲ ନାମି ଜଣେ ଅଣଅହେମଦି ଯୁବକ ଆସି ବସିଲେ । କିଛି ସମୟ ମୌଲିମ ସାହେବଙ୍କ କଥା ଶୁଣିବା ପରେ ସେ ଘର ଲୋକଙ୍କୁ ପଚାରିଲେ ଯେ କିଏ ? ଘର ଲୋକେ ତାଙ୍କ ବିଷୟରେ ସ୍ପଷ୍ଟ ରୂପେ କହିବାକୁ ଆବଶ୍ୟକ ମନେକଲେ ନାହିଁ କି ଏ ଜମାଅତ ଅହେମଦିୟାର ମୌଲିମ । ସେମାନେ କେବଳ ଏତିକି କହିଲେ କି ଏ ଅମକ ଗ୍ରାମରୁ ଆସିଛନ୍ତି କିନ୍ତୁ ମୌଲିମ୍ ସାହେବ ସ୍ପଷ୍ଟ ରୂପେ ନିଜର ପରିଚୟ ଦେଲେ କି ମୁଁ ଜମାଅତ ଅହେମଦିୟାର ମୌଲିମ୍ ଅଟେ । ଏହା ଶୁଣି ସେ ରାଗି ଲାଲ୍ ବର୍ଣ୍ଣ ହେଇଗଲେ । ମୌଲିମ୍ ସାହେବ ତାଙ୍କୁ ଆଉ କିଛି ବୁଝାଇବାକୁ ଚେଷ୍ଟା କଲେ ଯଦ୍ୱାରା ତାହାର ଭ୍ରାନ୍ତ ଧାରଣା ଦୂର ହେବ କିନ୍ତୁ ସେ ଶୁଣିବାକୁ ମନା କରିଦେଲେ । ମୌଲିମ୍ ସାହେବ କୁହନ୍ତି ବାର୍ତାଳାପ ବେଳେ ପବିତ୍ର କୋରାନ, ଇସଲାମ ଓ ହଜୁର ସ.ଆଙ୍କ ନାମ ଆସିଲେ ସେ କହୁଥିଲେ ଆପଣମାନଙ୍କୁ ଇସଲାମୀୟ ଶବ୍ଦମାନ ବ୍ୟବହାର କରିବାର କୌଣସି ଅଧିକାର ନାହିଁ । ପାକିସ୍ତାନି ମୌଲବିମାନଙ୍କ ପରି ହିଁ ସେ ଆଚରଣ କରୁଥିଲେ । ସେହିପରି ହଜରତ ମସିହ ମଉଦ ଆ.ସଙ୍କ ନାମ ଆସିଲେ ଉକ୍ତ ବ୍ୟକ୍ତି ଜଣକ ହଜୁର ଆ.ସ ଓ ଜମାଅତକୁ ଅତ୍ୟନ୍ତ ଖରାପ ଭାଷାରେ ଗାଳି ଦେଇ କହୁଥାଏ କି ମୁଁ ସାଉଦି ଆରବ, ବହରେନ୍ ଓ କତାର ଆଦି ଦେଶରେ ରହି ଆସିଛି ଏବଂ ଆପଣମାନଙ୍କ ସମ୍ବନ୍ଧରେ ସବୁକିଛି ଜାଣେ, ସମସ୍ତ ମୁସଲମାନ ଦେଶ ଆପଣମାନଙ୍କ ବିରୋଧରେ ଫତୱା ଦେଇଛନ୍ତି ଏବଂ କହିଛନ୍ତି କି ଯଦି ରାସ୍ତାରେ ସାପ ଓ କାଦିଆନି ହାବୁଡ଼େ ପଡ଼ିଯାଏ ତେବେ ସାପକୁ ଛାଡ଼ି କାଦିଆନିକୁ ହତ୍ୟା କରିଦେବ । ସୁତରାଂ ସେ ବାରମ୍ବାର ମୋତେ ମାରିବାକୁ ଉଠୁଥାନ୍ତି କି ଆଜି ମୋତେ ସୁଯୋଗ ମିଳିଛି କାଦିଆନିକୁ ହତ୍ୟାକରି ପୁଣ୍ୟ ଅର୍ଜନ କରିବି । ସେ ଯାହା ହେଉ ଉକ୍ତ ବ୍ୟକ୍ତି ନିଜ ପ୍ରଚେଷ୍ଟାରେ ସଫଳ ହୋଇନଥିଲା । ମୌଲିମ୍ ସାହେବ କୁହନ୍ତି ମୁଁ ଅତ୍ୟନ୍ତ ଧର୍ଯ୍ୟ ଓ ସହନସିଳତାର ସହ ତାହାର ସମସ୍ତ କଥା ଶୁଣିଲି । ଯେତେବେଳେ ସେ ଅତ୍ୟଧିକ ଖରାପ ଭାଷା ଓ ଅପବ୍ୟବହାର କରିବା ଆରମ୍ଭ କରିଦେଲେ ସେତେବେଳେ ମୁଁ ତାଙ୍କୁ କହିଲି ଯଦି ମୁଁ ଜମାଅତ ଅହେମଦିୟାର ମୌଲିମ୍ ହୋଇନଥାନ୍ତି ତେବେ ମରିବା ମାରିବାର ଆପଣଙ୍କର ଇଚ୍ଛା ମଧ୍ୟ ପୂରଣ କରିଦେଇଥାନ୍ତି କିନ୍ତୁ ଆମକୁ ଗାଳି ବଦଳରେ ଦୁଆ ଦେବାର ଶିକ୍ଷା ଦିଆଯାଇଛି, ତେଣୁ ମୁଁ କିଛି କହୁ ନାହିଁ । ଏଥିରେ ସେ ଚୁପ୍ ହୋଇ ଏହି ଚେତାବନି ଦେଲା କି ଯଦି ତୁମେ ଆସନ୍ତାରେ ଏହି ଗ୍ରାମରେ ଦେଖାଗଲ ତେବେ ତୁମର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ । ମୌଲିମ୍ ସାହେବ କୁହନ୍ତି ମୁଁ ତାଙ୍କୁ କେବଳ ଏତିକି ଉ□ର ଦେଲି କି କାହାର ପରିଣାମ ଖରାପ ହେବ ତାହା ସମୟ କହିବ, ତାପରେ ମୁଁ ସେଠାରୁ ଚାଲିଆସିଲି । ଉକ୍ତ ବ୍ୟକ୍ତି ଜଣକ ନିକଟବର୍ତୀ ଗ୍ରାମର ଅହେମଦିମାନଙ୍କୁ ମଧ୍ୟ କହୁଥିଲା କି ଆହେମଦିୟତ୍‌କୁ ଛାଡ଼ି ଦିଅ କିନ୍ତୁ ସେମାନେ ତାହା କଥା ପ୍ରତି ଧ୍ୟାନ ଦେଉନଥିଲେ । ମୌଲିମ୍ ସାହେବ କୁହନ୍ତି ରମଜାନ ପରେ ମୁଁ ୧୫ଦିନ ଛୁଟିରେ (ଘରକୁ ଚାଲି) ଯାଇଥିଲି, ଫେରିବା ପରେ ଜଣେ ମହିଳା ମୋତେ କହିଲେ ମୌଲବି ଇକ୍‌ବାଲ୍ ଯେ କି ଜମାଅତକୁ ଗାଳିଗୁଲଜ କରୁଥିଲା, ହଠାତ୍ ହୃଦଘାତ ହେବା ଯୋଗୁଁ ତାହାର ମୃତ୍ୟୁ ଘଟିଲା । ଏହି ଘଟଣାରେ କେବଳ ଜମାଅତର ସଦସ୍ୟମାନଙ୍କ ବିଶ୍ୱାସରେ ଅଭିବୃଦ୍ଧି ହେଲା ନାହିଁ ବରଂ ସେହି ଛୋଟ ଗ୍ରାମର ଅଣଅହେମଦିମାନେ ମଧ୍ୟ ପ୍ରଭାବିତ ହୋଇ ସାକ୍ଷୀ ଦେଲେ ଯେ, ଆମେ ସ୍ୱଚକ୍ଷୁରେ ଅଲ୍ଲାଃତାଲାଙ୍କର ହଜରତ ମସିହ ମଉଦ ଆ.ସଙ୍କୁ ସମର୍ଥନ କରୁଥିବା ଓ ଆପଣଙ୍କ ଅପମାନକାରୀକୁ ଅପମାନିତ ଓ ନଷ୍ଟ କରିବାର ଦେଖିଲୁ ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜିକାଲି ଆମେ ଏହି ଭୌତିକ ସଂସାରରେ ଦେଖୁଅଛେ ଲୋକେ ସାଂସାରିକ ଉନ୍ନତି ପଛରେ ପଡ଼ି ଧର୍ମଠାରୁ ଦୂରେଇ ଚାଲିଛନ୍ତି କିନ୍ତୁ ସଂସାରରେ ଏପରି ଏକ ବର୍ଗ ମଧ୍ୟ ରହିଛି ଯେ ଧର୍ମ ପ୍ରତି ରୁଚି ରଖୁଛନ୍ତି ଏବଂ ସତ୍‌ମାର୍ଗ ପ୍ରାପ୍ତି ନିମନ୍ତେ ଚେଷ୍ଟାରତ ଅଟନ୍ତି । ଏପରି ଲୋକଙ୍କ ଅନ୍ତରର କଥା ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ତେଣୁ ଯୁଗର ଇମାମକୁ ସ୍ୱୀକାର କରିବା ପାଇଁ ସେମାନଙ୍କ ହୃଦୟ ମଧ୍ୟ ଉନ୍ମୁକ୍ତ କରିଦେଇଥାନ୍ତି । ହଜରତ ମସିହ ମଉଦ ଆ.ସଙ୍କୁ ଅଲ୍ଲାଃତାଲା ଏଥିପାଇଁ ପ୍ରେରଣ କରିଛନ୍ତି କି ଲୋକେ ତାଙ୍କ ଆନୁଗତ୍ୟ ସ୍ୱୀକାର କରନ୍ତୁ ଏବଂ ଅଲ୍ଲାଃଙ୍କ କୃପାରୁ ଲୋକେ ମଧ୍ୟ ସ୍ୱୀକାର କରିଚାଲିଛନ୍ତି ।

ଆଇଭ୍ରୀକୋଷ୍ଟର ମୁବଲିଗ୍ ସାହେବ ଲେଖିଛନ୍ତି- ଗୋଟିଏ ଗ୍ରାମର ଆଂଚଳିକ ମୁବଲିଗ୍‌ଙ୍କ ସହ ମୁଁ ପ୍ରଚାର ନିମନ୍ତେ ଗଲି ଏବଂ ଲୋକମାନଙ୍କୁ ହଜରତ ମସିହ ମଉଦ ଆ.ସ ଓ ଇମାମ ମେହେଦିଙ୍କ ଆଗମନର ଖବର ଦେଲୁ । କିଛି ଦିନପରେ ପୁନଃ ସେହି ଗ୍ରାମକୁ ଯିବାରୁ ସେଠାକାର ମୌଲବି ସମେତ ୧୫ଜଣ ସଦସ୍ୟ ଅହେମଦିୟତ୍ ସ୍ୱୀକାର କରିନେଲେ । ସେମାନଙ୍କୁ ଆମେ କହିଲୁ ଚଳିତ ମାସରେ ଆମ ଯୁବ ଗୋଷ୍ଠୀଙ୍କ ଆନ୍ତର୍ଜାତିକ ବାର୍ଷିକ ସମାଗମ ଆବିଜାନରେ ଅନୁଷ୍ଠିତ ହେଉଅଛି । ଏଥିରେ ଗ୍ରାମବାସୀମାନେ କହିଲେ ସେଠାକୁ ଆମର ଜଣେ ବ୍ୟକ୍ତିକୁ ପଠାଇବା ସେ ଯାଇ ଜମାଅତକୁ ନିକଟରୁ ଦେଖିଆସିବ କି ଏମାନେ କିପରି । ସୁତରାଂ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଇଜ୍‌ତେମାରେ ଯୋଗଦେଲେ ଏବଂ ସେଠାରୁ ଫେରି ଯାହା କିଛି ଦେଖିଥିଲେ କି ଅହେମଦିମାନଙ୍କ ରହଣି କିଭଳି, ସେମାନଙ୍କ ପ୍ରେମ, ଭଲପାଇବା ଓ ଭାତୃଭାବର ପରିବେଶ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଲେ । ଉକ୍ତ ଗ୍ରାମବାସୀଙ୍କ ଉପରେ ଏହାର ବେଶ୍ ଭଲ ପ୍ରଭାବ ପଡ଼ିଲା । ଅତଏବ କିଛି ଦିନ ପରେ ଯେତେବେଳେ ମୌଲବି ସାହେବ ସେହି ଗ୍ରାମକୁ ପୁନଃ ପ୍ରଚାର ନିମନ୍ତେ ଗଲେ ଓ ସେଠାରେ ଫଜର୍ ନମାଜ ପରେ ହଜରତ ମସିହ ମଉଦ ଆ.ସଙ୍କ ଆଗମନ ସମ୍ବନ୍ଧରେ ଦିର୍ଘ ସମୟ କିଛି ପ୍ରଶ୍ନ ଉତର ହେବାପରେ ଆଉ ୨୬ ଜଣ ସଦସ୍ୟ ଅହେମଦିୟତ୍‌ରେ ଅନ୍ତର୍ଭୁକ୍ତ ହୋଇଗଲେ, ଏପରି ସେଠାରେ ବର୍ତମାନ ୪୧ଜଣ ସଦସ୍ୟ ବିଶିଷ୍ଟ ଜମାଅତ ସ୍ଥାପିତ ହୋଇଗଲା ।

ବିରୋଧିମାନଙ୍କ ଦୁଃଖଦ ପରିଣାମ ଓ ଅଲ୍ଲାଃଙ୍କ ସମର୍ଥନର ଆଉ ଏକ ଘଟଣା ଚର୍ଚ୍ଚା କରି ବେନିନ୍‌ର ମୁବଲିଗ୍ ସାହେବ ଲେଖିଛନ୍ତି ମୋ ଅଂଚଳରେ ଦୁଇ ଗୋଟି ବଡ଼ ରେଡ଼ିଓ ଷ୍ଟେସନ୍ ମାଧ୍ୟମରେ ଜମାଅତିର ପ୍ରଚାରର ସପ୍ତାହିକ କାର୍ଯ୍ୟକ୍ରମ ଜାରି ଅଛି ଯଦ୍ୱାରା ଏହି ଅଂଚଳର ଅନେକ ଲୋକ ଜମାଅତ ସମ୍ବନ୍ଧରେ ଅବଗତ ହେଉଛନ୍ତି । ଗୋଟିଏ ରେଡ଼ିଓ ଷ୍ଟେସନ୍‌ରେ ପ୍ରତ୍ୟେକ ବୁଧବାର ଦିନ ଅଧ ଘଂଟାର ଆମ କାର୍ଯ୍ୟକ୍ରମ ପ୍ରସାରଣ କରାଯାଏ । ସେହି ରେଡ଼ିଓ ଷ୍ଟେସନ୍‌ର ଅତିରିକ୍ତ ଅଧକ୍ଷ ଆମର ବିରୋଧ କରିବା ସହିତ ଆମ କାର୍ଯ୍ୟକ୍ରମ ପ୍ରସାରିତ ନହେବା ପାଇଁ ପ୍ରୟାସ କରୁଥିଲେ । ଅଲ୍ଲାଃତାଲା ଏଭଳି କଲେ କି ସେ ଉକ୍ତ ରେଡ଼ିଓ ଷ୍ଟେସନ୍‌ର ଭ୍ରଷ୍ଟାଚାର ଅଭିଯୋଗରେ ଅଦାଲତ ଦ୍ୱାରା ଜେଲ ଦଣ୍ଡରେ ଦଣ୍ଡିତ ହେଲେ । ତାଙ୍କ ପରେ ଯେ ଅତିରିକ୍ତ ଅଧକ୍ଷ ହେଲେ ତାଙ୍କୁ ଆମେ ଜମାଅତର ମିଶନ୍ ଆସିବାକୁ ନିମନ୍ତ୍ରଣ ଦେଲୁ ଏବଂ ତାଙ୍କୁ ଜମାଅତ ସମ୍ବନ୍ଧରେ ଅବଗତ କରାଇଲୁ ତଥା କିଛି ପତ୍ରିକା ପାଠ କରିବାକୁ ମଧ୍ୟ ଦେଲୁ, ଆମ ପ୍ରଚାରର ଉଦ୍ଦେଶ୍ୟ ଜଣାଇଲୁ । ତାପରେ ସେ ଆମର କାର୍ଯ୍ୟକ୍ରମ ମଧ୍ୟ ଶୁଣୁଥିଲେ, ଅତଏବ କିଛି ଦିନ ପରେ ଯେତେବେଳେ ଆମେ ତାଙ୍କ ସହ ସାକ୍ଷାତ ହେଲା ସେ କହିଲେ ଆପଣମାନଙ୍କ ପ୍ରଚାରରେ ମୁ ପ୍ରାଭାବିତ । ଆପଣମାନଙ୍କ ପ୍ରଚାର ଅତ୍ୟନ୍ତ ଆକର୍ଷଣୀୟ, ଅତଃ ମୁଁ ଆପଣମାନଙ୍କୁ ଏହିପରି ଆଉ ଏକ ସ୍ଥାୟୀ ସାପ୍ତାହିକ କାର୍ଯ୍ୟକ୍ରମ ମାଗଣାରେ ପ୍ରଶାରଣ କରିବାର ସୁଯୋଗ ପ୍ରଦାନ କରୁଅଛି । ଯଦ୍ୱାରା ପ୍ରକୃତ ଧର୍ମ ଓ ଧାର୍ମିକ ଶିକ୍ଷା ତଥା ଇସଲାମ ସମ୍ବନ୍ଧରେ ଲୋକମାନଙ୍କ ମନରେ ଯେଉଁ ଭ୍ରମ ଧାରଣା ବସା ବାନ୍ଧିଛି ତାହା ଦୂର ହେବ । ଦେଖି ସମୟ ଥିଲା ଗୋଟିଏ କାର୍ଯ୍ୟକ୍ରମକୁ ଜାରି ରଖିବାର ଆମକୁ ଚିନ୍ତା ଘାରୁ ଥିଲା କିନ୍ତୁ ଅଲ୍ଲାଃ ଏଭଳି କୃପା କଲେ ଯେ, ସେହି ଅର୍ଥରେ ଅଧିକ ସମୟ ହଜରତ ମସିହ ମଉଦ ଆ.ସଙ୍କ ବାର୍ତା ପ୍ରସାରଣ କରିବାର ଅବସର ମିଳିଗଲା ।

ପୁଣି ଅଲ୍ଲାଃ ସ୍ୱୟଂ କିଭଳି ହୃଦୟ ଉନ୍ମୁକ୍ତ କରିଥାନ୍ତି ତାହାର ଏକ ଘଟଣା ଚର୍ଚ୍ଚା କରିଦେଉଛି । ମିଶର ଦେଶର ଜଣେ ବନ୍ଧୁ ଶ୍ରୀମାନ ଅହେମଦ ସାହେବ କୁହନ୍ତି-

ଆପଣମାନେ ଇସଲାମର ଯେଭଳି ଉଚିତ୍ ଏବଂ ସରଳ ଭାବରେ ବ୍ୟାଖ୍ୟା କରୁଛନ୍ତି ସେଥିପାଇଁ ମୁଁ ଆପଣମାନଙ୍କୁ ସୁଭେଚ୍ଛା ଜ୍ଞାପନ କରୁଅଛି । ଆପଣମାନେ ଯାହା ଉପସ୍ଥାପନ କରୁଛନ୍ତି ତାହା ହଜରତ ମହମ୍ମଦ ସ.ଆଙ୍କର ପ୍ରଦତ ବାସ୍ତବିକ ଇସଲାମ ଅଟେ । ଆମେମାନେ ଦାୟିଶ୍ ଓ ସେମାନଙ୍କ କାର୍ଯ୍ୟକଳାପରେ ଥକି ପଡ଼ିଲୁଣି ଅଲ୍ଲାଃ କରନ୍ତୁ କି ସମସ୍ତ ଲୋକମାନଙ୍କ ଚିନ୍ତାଧାରା ଆପଣମାନଙ୍କ ପରି ହେଉ । ସେ କୁହନ୍ତି ଆପଣମାନେ କାର୍ଯ୍ୟକ୍ରମରେ ଯେପରି ଦର୍ଶାଇଥିଲେ ସେହିପରି ଦୁଇ ରେକାତ ଇସ୍‌ତେଖାରା ନମାଜ ପାଠ କଲି ଏବଂ ସେହି ଦିନ ରାତିରେ ସ୍ୱପ୍ନରେ ଦେଖିଲି ଯେ, ମୋ ଘର ନିକଟରୁ ସମସ୍ତଙ୍କର ଘର ଉଠେଇ ଦିଆଯାଉଛି ଏପରିକି ମୋ ଘର ସମ୍ମୁଖରେ ସ୍ଥାନ ସମ୍ପୂର୍ଣ୍ଣ ଖାଲି ହୋଇଯାଉଛି । ତାପରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ ଘର ଦେଖିଲି ଯାହାକି ଅଧିକାଂଶ ମସୟରେ ଆପଣମାନେ ନିଜର କାର୍ଯ୍ୟକ୍ରମ ପ୍ରଶାରଣ କଲାବେଳେ Back Screen ରେ ଦେଖାଇଥାନ୍ତି । ସେ କୁହନ୍ତି ମୁଁ ଦାରୁଲ୍ ମସିର କ୍ଷେତ୍ରକୁ ଭୂପୃଷ୍ଠରୁ ତାରା ବାହାରିବା ପରି ଦେଖିଲି ଏବଂ ମୁଁ ଆଶ୍ଚର୍ଯ୍ୟ ଚକିତ ଥିଲି କି ତାହା କିଭଳି ଉତ୍ପତି ଲାଭ କରୁଅଛି । ତାପରେ ମୁଁ ସେଠାରୁ ପ୍ରକାଶ ପ୍ରସ୍ଫୁଟିତ ହେବାର ଦେଖିଲି ଏବଂ ଲୋକମାନଙ୍କୁ କଥା ହେବାର ଶୁଣିଲି କି ଚନ୍ଦ୍ର ଉଦୟ ହୋଇଛି । ମୁଁ ପଛକୁ ବୁଲି ଦେଖିଲି ତ ସୂର୍ଯ୍ୟ ମଧ ବିଦ୍ୟମାନ ଥିଲା । ସେତେବେଳେ ମୁଁ ସେମାନଙ୍କୁ କହିଲି, ସୂର୍ଯ୍ୟ ଓ ଚନ୍ଦ୍ର ଉଭୟ ବାହାରିଛନ୍ତି । ମୁଁ ବହୁତ ଆନନ୍ଦିତ ହେଲି କାରଣ ପ୍ରଥମ ଥର ଇସ୍‌ତେଖାରା କରି ଏଭଳି ଅଲ୍ଲାଃଙ୍କ ଠାରୁ ଉତର ପାଇଲି । ଯଦିଓ ମୁଁ ମୁସଲମାନ ଥିଲି କିନ୍ତୁ ପ୍ରଥମ ଥର ଏଭଳି ଅଲ୍ଲାଃଙ୍କ ନିକଟବର୍ତୀ ଲାଭ କରିପାରିଲି । ଏସବୁ ଜମାଅତ ଅହେମଦିୟା ଯୋଗୁଁ ସମ୍ଭବ ହୋଇପାରିଲା ସେଥିପାଇଁ ମୁଁ ଆପଣମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି

ପୁଣି ଦିବ୍ୟସ୍ୱପ୍ନ ମାଧ୍ୟମରେ ଅଲ୍ଲାଃ କିଭଳି ଲୋକମାନଙ୍କର ମାର୍ଗଦର୍ଶନ କରିଥାନ୍ତି, ସେଥି ସମ୍ବନ୍ଧରେ ୟମନର ଜଣେ ମହିଳା ଇମାନ ସାହେବା କୁହନ୍ତି- ମୋତେ ଛୋଟ ବେଳରୁ ଇମାମ ମେହଦିଙ୍କ ସମୟ ପ୍ରାପ୍ତ କରିବାର ପ୍ରବଳ ଇଛା ଥିଲା ଏବଂ ଏଥିପାଇଁ ମୁଁ ଦୁଆ ମଧ କରୁଥିଲି । ଏକଦା ମୁଁ ଏକ ଆରବୀ ଚ୍ୟାନେଲ୍ ଦେଖୁଥିଲି କି ସେହି କାର୍ଯ୍ୟକ୍ରମରେ ଜଣେ ପ୍ରସିଦ୍ଧ ବିଦ୍ୱାନଙ୍କୁ କେହି ଜଣେ ଅହେମଦି ଜମାଅତ ନାମ ନନେଇ ପଚାରିଲେ କି ସେମାନେ କହୁଛନ୍ତି କି ଇମାମ ମେହଦି ଆସିଯାଇଛନ୍ତି ଏବଂ ତାଙ୍କ ଅନ୍ତେ ଖିଲାଫତ୍‌ର ବ୍ୟବସ୍ଥା ଆରମ୍ଭ ହୋଇଗଲାଣି । ଉକ୍ତ ମୌଲବି ସାହେବ ଉତର ଦେଲେ କି ସେମାନେ ଭ୍ରମରେ ପଡ଼ିଛନ୍ତି, ସେମାନେ ମିଥ୍ୟାବାଦୀ ତେଣୁ ଆପଣ ସେମାନଙ୍କ କଥା ନଶୁଣି ନିଜର ସାମନ୍ୟ ଜୀବନ ଅତିବାହିତ କରନ୍ତୁ । ଯେତେବେଳେ ଇମାମ ମେହଦି ଆସିବେ ସମସ୍ତଙ୍କୁ ଖବର ହେଇଯିବ, ତାଙ୍କୁ ଖୋଜିବାର ଆବଶ୍ୟକତା ନାହିଁ । ସେ କୁହନ୍ତି ଏକଥା ମୋ ମୁଣ୍ଡରେ ଅଟକି ରହିଗଲା ଏବଂ ପୁନଃ ୨୦୦୯ ମସିହାରେ ମୋ ସାନ ଭାଇ କହିଲେ କି ମୁଁ ଏକ ଏପରି ଚ୍ୟାନେଲ୍ ଦେଖିଲି ଯେଉଁଥିରେ ଲୋକେ ଇମାମ ମେହଦିଙ୍କ ଆସିଯାଇଥିବାର ଘୋଷଣା କରୁଥିଲେ । ଏକଥା ଶୁଣିବା ମାତ୍ରେ ମୋର ସେହି ମୋଲବି ସାହେବଙ୍କ ପ୍ରଶ୍ନ ଉତର କଥା ମନେପଡ଼ିଗଲା ଏବଂ ମୁଁ ବୁଝିଗଲି ଯେ ଇମାମ ମେହଦିଙ୍କ ଆଗମନର ଘୋଷଣାକାରୀ ସେହି ଜମାଅତ ହିଁ ଅଟେ । ସେ କୁହନ୍ତି ମୁଁ ଭାଇ ଠାରୁ ଉକ୍ତ ଚ୍ୟାନେଲ୍‌ର Frequency ନେଲି ଏବଂ ସେହି ଚ୍ୟାନେଲ୍ ଲଗାଇଲି ସେତେବେଳେ ସେଥିରେ ହୱାରୁଲ୍ ମୁବାଶିର୍‌ର କାର୍ଯ୍ୟକ୍ରମ ପ୍ରଶାରିତ ହେଉଥିଲା । ମୁଁ ସେହି କାର୍ଯ୍ୟକ୍ରମର ପ୍ରତ୍ୟେକ ସଦସ୍ୟଙ୍କୁ ବେଶ୍ ନିରିଖି ଦେଖିଲି ସେମାନଙ୍କ ମୁଖମଣ୍ଡଳରେ ବିଚିତ୍ର ପ୍ରକାରର ଚମକ ଓ ପ୍ରକାଶ ଥିଲା । କିନ୍ତୁ ମୋତେ ସେମାନଙ୍କୁ ଦେଖି ଦୟା ଲାଗିଲା କି ଏଭଳି ବୁଝିବଣା ଲୋକ ହେଇ ଏମାନେ କିପରି ପଥଭ୍ରଷ୍ଟ ହୋଇଯାଇଛନ୍ତି ଏବଂ ମୁଁ କହିଲି କି ଆଜି ତ ଆମକୁ ଏକ ହୋଇ ରହିବାର ଆବଶ୍ୟକ ଥିଲା କିନ୍ତୁ ଏମାନେ ଆସି ଆଉ ଏକ ଗୋଷ୍ଠୀ ଗଢ଼ିନେଲେ । କ'ଣ ଏହା ପୂର୍ବରୁ ଇସଲାମରେ ଗୋଷ୍ଠୀ ସଂଖ୍ୟା କମ୍ ଥିଲା । ଏଭଳି ଭାବନା ପରେ ଯେତେବେଳେ ମୁଁ ସେମାନଙ୍କ କଥା ଶୁଣିଲି ତାହା ମୋ ମନକୁ ପାଇଲା । ସେ କୁହନ୍ତି କାର୍ଯ୍ୟକ୍ରମ ଶେଷ ହେବା ପରେ ଗୋଟିଏ କସିଦା ପାଠ କରାଗଲା ଯେଉଁଥିରେ ଲେଖାଥିଲା କି ଏହା ହଜରତ ଇମାମ ମେହଦିଙ୍କର ଲେଖା ଅଟେ । ସେହି କସିଦାର ଶବ୍ଦ ଓ ପ୍ରଭାବ ଅଦଭୂତ ଥିଲା, ମୁଁ ନିଜ ସ୍ୱାମୀଙ୍କ ସାଥିରେ ଏହି ଚ୍ୟାନେଲ୍‌କୁ ଦେଖୁଥାଏ ଏବଂ ପ୍ରତି ଦିନ ଆମର ଉକ୍ତ ଚ୍ୟାନେଲ୍ ସହ ଭାବ ବଢ଼ିଚାଲିଲା । ଏପରିକି ଆମ ଘରେ ମାତ୍ର କିଛି ଦିନ ମଧ୍ୟରେ ତାହାକୁ ବାଦ ଦେଇ ପ୍ରାୟ ସମସ୍ତ ଚ୍ୟାନେଲ୍ ଦେଖିବା ବନ୍ଦ ହୋଇଗଲା । ଆମ ଘରର ପ୍ରତ୍ୟେକ ସଦସ୍ୟ ଉକ୍ତ ଚ୍ୟାନେଲ୍‌ରେ ଦର୍ଶାଯାଉଥିବା ତଥ୍ୟକୁ ପସନ୍ଦ କରିବାକୁ ଲାଗିଲେ । ହଜରତ ମସିହ ମଉଦ ଆ.ସଙ୍କ କଥନର ପ୍ରଭାବ ହିଁ ଭିନ୍ନ ଥିଲା । ଆପଣଙ୍କ କସିଦା ଶୁଣିବା ମାତ୍ରେ ମୋ ଆଖିରୁ ଲୁହ ଝରି ପଡୁଥିଲା କାରଣ ସେହି ଶବ୍ଦ କେବଳ ଜଣେ ଅଲ୍ଲାଃଙ୍କ ନିକଟରୁ ଆସିଥିବା ବ୍ୟକ୍ତି ମୁଖରୁ ହିଁ ବାହାରିପାରେ, କୌଣସି ସାଧାରଣ ଲୋକ ପକ୍ଷେ ଏପରି ପ୍ରଭାବଶାଳୀ ଓ ସୁନ୍ଦର ଭାଷା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ କୁହନ୍ତି ସମସ୍ତ ବିଷୟରେ ସନ୍ତୁଷ୍ଟି ପ୍ରାପ୍ତ କରିବା ପରେ ମୁଁ ୨୦୧୦ମସିହା ଜାନୁଆରୀ ମାସରେ ବୟତର ପତ୍ର ଲେଖିଦେଲି । ସେ ଆହୁରି କୁହନ୍ତି କି ମୋ ସ୍ୱାମୀ Internet ମାଧ୍ୟମରେ ଅନେକ ଥର ବୟତର ପତ୍ର ପଠାଇଥିଲେ କିନ୍ତୁ ସଫଳ ହେଲେ ନାହିଁ । ଯେତେବେଳେ ଆମେ ସେଥିରେ ସଫଳ ହେଲୁ ନାହିଁ ସେତେବେଳେ ମୋତେ ନିଜ ପିଲା ଦିନର ଏକ ସ୍ୱପ୍ନ ମନେପଡ଼ିଲା କି ଏକ ବିସ୍ତିର୍ଣ୍ଣ ପଡ଼ିଆରେ ମୋତେ ନିଜ ସମ୍ମୁଖରେ ଏକ ଲମ୍ବା ଛାଇ ଦେଖାଗଲା ଯାହା ସମ୍ବନ୍ଧରେ ସେହି ସ୍ୱପ୍ନରେ ହିଁ ଆଭାଷ ହେଲା କି ଏହା ହଜରତ ମହମ୍ମଦ ସ.ଆଙ୍କର ଛାଇ ଅଟେ । ଉକ୍ତ ଛାଇ ମୋ ଆଡ଼କୁ ହାତ ବଢ଼ାଉଛି ଯାହାକୁ ଧରିବା ପାଇଁ ମୁଁ ପଡ଼ି ଉଠି ଦୌଡୁଛି । ଏପରି ମୋର ନିଦ ଭାଙ୍ଗିଯାଉଛି, ସେ କୁହନ୍ତି ମୋ ମତରେ ଉକ୍ତ ସ୍ୱପ୍ନରେ ହଜୁର ସ.ଆଙ୍କ ଛାଇ ସମ୍ଭବତଃ ହଜରତ ମସିହ ମଉଦ ଆ.ସ ଥିଲେ, ଯେ ଛାଇ ରୂପରେ ହଜୁର ସ.ଆଙ୍କ ଗୁଣର ପ୍ରତିଛାଇ ଥିଲେ ଏବଂ ଅନୁରୂପ ନବୀ ଅଟନ୍ତି । ଏହା କେବଳ ଅଲ୍ଲାଃଙ୍କର କୃପା ଅଟେ ଯେ ମୋତେ ଚେଷ୍ଟା କରି ଆପଣଙ୍କ ହାତ ଧରିବାରେ ସଫଳ ହେବାର ସାମର୍ଥ୍ୟ ପ୍ରଦାନ କଲେ । କାରଣ ଅନେକ ଚେଷ୍ଟା କରିବା ପରେ ଶେଷରେ ୨୦୧୦ମସିହା ମାର୍ଚ୍ଚ ମାସରେ ବୟତ ଫର୍ମ ପୂରଣ କରି ପଠେଇବାରେ ଆମେ ସଫଳ ହେଲୁ । ସେ କୁହନ୍ତି ଯେବେଠାରୁ (ଆମେ) ବୟତ କରିଛୁ ଅଲ୍ଲାଃଙ୍କ କୃପା ବର୍ଷା ପରି ଅବତିର୍ଣ୍ଣ ହୋଇଚାଲିଛି ତଥା ପ୍ରକୃତିର ଅଦଭୂତ ଦୃଶ୍ୟ ଏପରି ମାତ୍ରାରେ ଦେଖୁଅଛୁ ଯାହାର ବର୍ଣ୍ଣନା କରିବା ଆମ ନିକଟରେ ସମ୍ଭବ ନୁହେଁ । ବାସ୍ତବରେ ସେ ଅତ୍ୟନ୍ତ ଚମତ୍କାରୀ (ପ୍ରଭୁ)ଅଟନ୍ତି । ମୁଁ ଯେତେବେଳେ ଦୁଆ କରିଛି ତାହା ସ୍ୱୀକାର ହେବାର ନିଦର୍ଶନ ଦେଖିଛି । ଆମ ଈଶ୍ୱର ଅତ୍ୟନ୍ତ ଦୟାବାନ ଅଟନ୍ତି । ସେ ଆହୁରି ଲେଖିଛନ୍ତି ଆପଣ ଓ ସମସ୍ତ ମୋମିନ୍‌ମାନଙ୍କ ପ୍ରତି ସ୍ନେହ ମୋ ହୃଦୟରେ ନିଜ ଜୀବନ, ସନ୍ତାନ, ସମସ୍ତ ଲୋକ ତଥା ସିତଳ ଜଳ ଅପେକ୍ଷା ଅଧିକ ଅଟେ ।

ହଜୁର ଅନୱର ଅ.ବ କହିଲେ- ଅଲ୍ଲାଃତାଲା ବିରୋଧିମାନଙ୍କ ମନ୍ଦ ପ୍ରଚେଷ୍ଟା ସତ୍ୱେ ପବିତ୍ର ଆତ୍ମାମାନଙ୍କର ମାର୍ଗଦର୍ଶନ କରୁଛନ୍ତି ଏବଂ ସେମାନଙ୍କ ହୃଦୟ ଉନ୍ମୁକ୍ତ କରି ସେମାନଙ୍କୁ ଅହେମଦିୟତ୍ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରୁଛନ୍ତି । ଅସଂଖ୍ୟ ଏଭଳି ଘଟଣାମାନ ରହିଛି ଯାହାଙ୍କୁ ଅଲ୍ଲାଃ ସ୍ୱୟଂ ଧରି ଅହେମଦିୟତ୍ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରୁଛନ୍ତି । ହଜରତ ମସିହ ମଉଦ ଆ.ସଙ୍କ ସାହାଯ୍ୟ ଓ ସମର୍ଥନ କରିବାର ନିଦର୍ଶନ ଦେଖାଉଛନ୍ତି । ହଜରତ ମସିହ ମଉଦ ଆ.ସଙ୍କୁ ଅଲ୍ଲାଃତାଲା କହିଥିଲେ- **ମୁଁ ତୁମ ନାମକୁ ସଂସାର ସମାପ୍ତ ହେବା ଦିନ ପର୍ଯ୍ୟନ୍ତ ସମ୍ମାନର ସହ ଜୀବିତ ରଖିବି ଏବଂ ତୁମ ବାର୍ତାକୁ ଭୂପୃଷ୍ଠର ଶେଷ ସୀମା ପର୍ଯ୍ୟନ୍ତ ପହଂଚାଇ ଦେବି ।** ପୁନଃ କହିଲେ ଯେଉଁମାନେ ତୁମକୁ ଅପମାନିତ ଓ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ସେମାନେ ନିଜେ ହିଁ ଅସଫଳ ହେବେ ଏବଂ ହତଭାଗାଙ୍କ ପରି ମୃତ୍ୟୁ ବରଣ କରିବେ ।

ସୁତରାଂ ଅଲ୍ଲାଃତାଲା ଏହି ପ୍ରତିଶ୍ରୁତି ଅନୁଯାୟୀ ପ୍ରତ୍ୟେକ ଦିନ ଜମାଅତରେ ଏପରି ନିଷ୍ଠାବାନ ଓ ଶ୍ରଧାଳୁଙ୍କୁ ଜମାଅତରେ ଶାମିଲ୍ ହେବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମେ ଦେଖୁଅଛେ ଯେ ଆପଣଙ୍କ ସହ ଅଲ୍ଲାଃତାଲାଙ୍କର ଅସଂଖ୍ୟ ପ୍ରତିଶ୍ରୁତି ପୂରଣ ହୋଇସାରିଲାଣି ତେବେ ଯେଉଁ ପ୍ରତିଶ୍ରୁତି ବାରମ୍ବାର ଦରଜ ରହିଛି ତାହା **ଇନ୍‌ଶା ଅଲ୍ଲାଃ** ନିଶ୍ଚିତ ପୂରଣ ହେବ । ଆବଶ୍ୟକ କେବଳ ଏତିକି ଅଛି କି ଆମେ ଅଲ୍ଲାଃଙ୍କ କୃପା ହାସଲ କରିବା ନିମନ୍ତେ ନିଷ୍ଠାକୁ ଅଭିବୃଦ୍ଧି କରିଚାଲିବା ଯଦ୍ୱାରା ଆମେ ତାଙ୍କ କୃପାର ଅଧିକାରୀ ହୋଇପାରିବା । ଅଲ୍ଲାଃ ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ହଜରତ ମସିହ ମଉଦ ଆ.ସଙ୍କର ଏକ କଥନ ଉପସ୍ଥାପନ କରୁଅଛି, ଆପଣ କୁହନ୍ତି-

କ'ଣ ବିରୋଧିମାନେ ମନେକରୁଛନ୍ତି କି ନିଜ ଯୋଜନାରେ, ନିଜ ମିଥ୍ୟା ଆରୋପ ଓ ଥଟ୍ଟାମଜା ଦ୍ୱାରା ଅଲ୍ଲାଃଙ୍କ ଧାର୍ଯ୍ୟ ବିଧାନକୁ ରୋକି ପାରିବେ ଅଥବା ସଂସାରବାସୀଙ୍କୁ ଠକି ଦରମଲା କରିଦେବେ । ଯଦି ପୂର୍ବେ କଦାଚିତ୍ ସତ୍ୟର ବିରୋଧିମାନେ ସଫଳତା ହୋଇଥିବେ ତେବେ ବର୍ତମାନ ମଧ ଏମାନେ ସଫଳ ହୋଇଯିବେ । କିନ୍ତୁ ଏହା ପ୍ରମାଣିତ ଯେ ଅଲ୍ଲାଃଙ୍କ ବିରୋଧି ଏବଂ ତାଙ୍କ ଇଛା ବିରୋଧି ଯାହାକି ଆକାଶ ମାର୍ଗରେ ଧାର୍ଯ୍ୟ ରହିଛି ସେମାନେ ହିଁ ସର୍ବଦା ଅପମାନିତ ଓ ଅସଫଳ ହୋଇଥାନ୍ତି । ତେବେ ଏମାନେ ମଧ ଦିନେ ଅସଫଳତା ଓ ଅପମାନ ଭୋଗ କରିବେ । ଅଲ୍ଲାଃଙ୍କ କଥନ କଦାପି ବ୍ୟର୍ଥ ଯାଇ ନାହିଁ ନା ଯିବ । ଯେପରିକି ସେ କୁହନ୍ତି- **କତବଲ୍ଲାହୁ ଲାଅଗଲିବନ୍ନା ଆନା ୱ ରୁସୁଲି** ଅର୍ଥାତ ଅଲ୍ଲାଃତାଲା ପ୍ରାରମ୍ଭରୁ ଏହା ଧାର୍ଯ୍ୟ କରିଛନ୍ତି ଏବଂ ନିଜ ବିଧାନ ଓ ସୁନ୍ନତ କରିଛନ୍ତି ଯେ ସେ ଓ ତାଙ୍କ ଦୁତ ହିଁ କୃତକାର୍ଯ୍ୟ ହେବେ । ଅତଏବ ଯେହେତୁ ମୁଁ ତାଙ୍କ ପ୍ରେରିତ ତଥା ଦୁତ ଅଟେ କିନ୍ତୁ ମୁଁ କୌଣସି ନୂତନ ଶରିୟତ, ନୂତନ ଘୋଷଣା, ନୂତନ ନାମ ନେଇ ଆସି ନାହିଁ ବରଂ ସେହି ପ୍ରିୟ ନବୀ ହଜରତ ମହମ୍ମଦ ସ.ଆଙ୍କ ନାମରେ ନାମିତ ହୋଇ ତାଙ୍କରି ଅବତାର ହୋଇ ଆସିଅଛି । ସୁତରାଂ ମୁଁ କହୁଅଛି ଯେପରି ଆଦି କାଳରୁ ଅର୍ଥାତ ଆଦମଙ୍କ ଯୁଗରୁ ଆରମ୍ଭ କରି ହଜରତ ମହମ୍ମଦ ସ.ଆ ପର୍ଯ୍ୟନ୍ତ ଏହାର ଭାବାର୍ଥ ସତ୍ୟ ହୋଇ ଆସିଛି । ସେହିପରି ବର୍ତମାନ ମଧ ମୋ ସମ୍ବନ୍ଧରେ ସତ୍ୟ ପ୍ରମାଣିତ ହେବ (ଇନ୍‌ଶା ଅଲ୍ଲାଃ) ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ସୁତରାଂ କୌଣସି ବ୍ୟକ୍ତି ଦାର୍ଶନିକଙ୍କ ଡଙ୍ଗାରେ ବସି ସନ୍ଧେହର ବାତ୍ୟାରୁ ବଂଚିପାରିବ ନାହିଁ। ବରଂ ନିଶ୍ଚିତ ରୂପେ ବୁଡ଼ି ମରିବ । ତାଙ୍କୁ କଦାପି ବିଶୁଦ୍ଧ ଏକେଶ୍ୱରବାଦର ସରବତ୍ ମିଳିପାରିବ ନାହିଁ । ଏବେ ବିଚାର କରନ୍ତୁ ଏହି ଭାବନା କେତେ ବ୍ୟର୍ଥ ଓ ଦୁର୍ଗନ୍ଧ ଯେ ନବୀ ସ୍ୱଲ୍ଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ ମାଧ୍ୟମ ବିନା ଏକେଶ୍ୱରବାଦ ପ୍ରାପ୍ତ ହୋଇଯିବ ଓ ଏଥିରେ ମଣିଷ ମୋକ୍ଷ ପାଇଯିବ । ହେ ଅବେଧମାନେ ! ଯେପର୍ଯ୍ୟନ୍ତ ଖୁଦାଙ୍କ ଅସ୍ତିତ୍ୱ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ନ ଆସିଛି ସେ ପର୍ଯ୍ୟନ୍ତ ତା ଏକେଶ୍ୱରବାଦ ଉପରେ କିପରି ବିଶ୍ୱାସ ଆସିବ ? ତେଣୁ ନିଶ୍ଚିତ ରୂପେ ଜାଣିରଖ ଯେ ଏକେଶ୍ୱରବାଦର ବିଶ୍ୱାସ କେବଳ ନବୀ (ସ:ଆ:ସ)ଙ୍କ ଜରିଆରେ ହିଁ ମିଳିପାରିବ । ଯେପରି ଆମ ନବୀ ସ:ଆ:ସ ଆରବର ନାସ୍ତିକ ଓ ବିଧର୍ମମାନଙ୍କୁ ହଜାର ହଜାର ସ୍ୱର୍ଗୀୟ ନିଦର୍ଶନମାନ ଦେଖାଇ ଖୁଦାତାଲାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରାଇଦେଲେ । ଏବଂ ଏ ପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସଠିକ୍ ଓ ସମ୍ପୂର୍ଣ୍ଣ ଅନୁଯାୟୀମାନେ ଉକ୍ତ ନିଦର୍ଶନଗୁଡିକୁ ନାସ୍ତିକମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ଏକଥା ସତ୍ୟ ଅଟେ ଯେ ମଣିଷ ଯେ ପର୍ଯ୍ୟନ୍ତ ଜୀବନ୍ତ ଖୁଦାଙ୍କ ଜୀବନ୍ତ ଶକ୍ତିକୁ ଉପଲବ୍ଧ ନ କରିଛି ସେ ପର୍ଯ୍ୟନ୍ତ ତା ମନ ଭିତରୁ ସଇତାନ୍ ବାହାରି ପାରିବ ନାହିଁ ଓ ପ୍ରକୃତ ଏକେଶ୍ୱରବାଦ ତା ହୃଦୟରେ ପ୍ରବେଶ କରିପାରିବ ନାହିଁ । ନା ସେ ଖୁଦାତାଲାଙ୍କ ଅସ୍ତିତ୍ୱକୁ ନିଶ୍ଚିତ ରୂପେ ସ୍ୱୀକାର କରିପାରିବ । ତେଣୁ ଏହି ପବିତ୍ର ଓ ପୂର୍ଣ୍ଣ ଏକେଶ୍ୱରବାଦ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ ।

**(ହକିକତୁଲ୍ ୱହି, ପୃଷ୍ଠା-୧୧୫-୧୧୮, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୧୮-୧୨୧)**

*ପୃଷ୍ଠା-୨ ର ଅବଶିଷ୍ଟାଂଶ.......*

କରିବା ଦ୍ୱାରା ଖୁଲା ହୁଏନାହିଁ । ଏଥିରୁ ଏହା ଜଣାପଡୁଛି ଯେ ପୁରୁଷଙ୍କୁ ସ୍ୱାଧିନ ଦିଆଯାଇଛି ଓ ସ୍ତ୍ରୀ ଉପରେ ପ୍ରତିବନ୍ଧ ଲଗାଇଦିଆଯାଇଛି । ଏହାଦ୍ୱାରା ଏ ମତ ମିଳୁଛି ଯେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପ୍ରଭେଦ ରଖାଯାଇଛି ଓ ପୁରୁଷକୁ ସ୍ତ୍ରୀ ମୁକାବିଲାରେ ଅଗ୍ରାଧିକାର ଦିଆଯାଇଛି । ଯଦିଚ ଏହା କଦାପି ନୁହେଁ । ଇସ୍‌ଲାମ୍‌ର କୌଣସି ହୁକୁମ୍ (ନିର୍ଦ୍ଦେଶ) ବାସ୍ତବତା ଓ ଯୁକ୍ତିରୁ ଅଲଗା ନୁହେଁ । ଟିକିଏ ଚିନ୍ତାକଲେ ମାମଲା ସ୍ପଷ୍ଟ ହୋଇଯିବ ଯେ ଏ ନିର୍ଦ୍ଦେଶ ମଧ୍ୟ ସ୍ତ୍ରୀ ଙ୍କ ଅଧିକାରର ସୁରକ୍ଷା କରୁଅଛି । କିଛି ସମୟ ପାଇଁ ଯଦି ଆମେ ମାନିନେବା ଯେ ମହିଳାଙ୍କୁ ମଧ୍ୟ ପୁରୁଷମାନଙ୍କ ପରି ଖୁଲା କହିଦେଇ ଅଲଗା ହେବାର ଅଧିକାର ମିଳିବା ଉଚିତ୍ ଯେପରି ପୁରୁଷଙ୍କୁ ତଲାକ୍ କହିଦେବା ଫଳରେ ଅଧିକାର ମିଳିଥାଏ । ଏହା ଫଳରେ ଯେବେ ମଧ୍ୟ  ସ୍ତ୍ରୀ ତା ସ୍ୱାମୀଙ୍କୁ ଖୁଲା କହି ବା ଖୁଲା ଲେଖି ତାଙ୍କଠାରୁ ଅଲଗା ହେବାକୁ ଚାହିଁବେ । ତା ହେଲେ ଆଶଙ୍କା ଅଛି ଯେ ସେମାନେ ତାଙ୍କ ସ୍ୱାମୀଙ୍କ ଦ୍ୱାରା ନିର୍ଯ୍ୟାତିତ ହେବେ । ସ୍ୱାମୀ ତାର ସମସ୍ତ ଜିନିଷପତ୍ର ରଖି ମାର୍‌ପିଟ୍ କରି ତାକୁ ଘରୁ ବାହାର କରିଦେବ । ତେବେ ସେ ବିଚାରି କ'ଣ କରିବ ? ତା ହକ୍ ମହର, ତା ଜିନିଷପତ୍ର, ତା ପିଲାଛୁଆ ଓ ତାଙ୍କର ଖୋରାକି ପୋଷାକର ଫଇସଲା କିଏ କରିବ ? ତେଣୁ ବାଧ୍ୟ ହୋଇ ତାକୁ କଜାର ଦ୍ୱାର ବାଡ଼େଇବାକୁ ହେବ । କାରଣ ସେ ତା ଅଧିକାରକୁ ନିଜେ ହାସଲ କରିପାରିବ ନାହିଁ । ତେଣୁ ଇସ୍‌ଲାମ୍ ଏହା ପସନ୍ଦ କରିଛି ଯେ ସ୍ତ୍ରୀ ନିଜ ଅଧିକାର ପାଇବା ପାଇଁ ନିଜ ମାମଲାକୁ କଜାରେ ଉପସ୍ଥାପନ କରନ୍ତୁ । ଯଦ୍ୱାରା କଜା ପୁରା ମାମଲାର ଅନୁଧ୍ୟାନ କରି ତାକୁ ତାର ସମ୍ପୂର୍ଣ୍ଣ ଅଧିକାର ଦେବେ ।

ଇସ୍‌ଲାମ୍ ସ୍ତ୍ରୀ ଙ୍କର କୌଣସି ଅଧିକାର କ୍ଷୁର୍ଣ୍ଣ କରିନାହିଁ ବରଂ ତାର ସମ୍ପୂର୍ଣ୍ଣ ଅଧିକାର ତାକୁ ଦେଇଛି । ସ୍ତ୍ରୀ/ମହିଳା ମାନେ ଶହ ଶହ ବର୍ଷ ପୂର୍ବରୁ ଯେଉଁ ଅଧିକାରରୁ ବଂଚିତ ଥିଲେ ଓ ଅତ୍ୟାଚାରରେ ପିଡ଼ିତ ଥିଲେ । ଏକ ଇସ୍‌ଲାମ୍ ଅଟେ ଯିଏ ତାକୁ ତାର ସମ୍ପୂର୍ଣ୍ଣ ଅଧିକାର ଦେଲା । ତାକୁ ଭୁଇଁରୁ ଉଠାଇ ଆକାଶରେ ପହଂଚାଇଦେଲା ଏବଂ ତାଙ୍କ ସହିତ ସୁ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ସୁନ୍ଦର ଶିକ୍ଷା ଦେଲା । ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସୁ ବ୍ୟବହାରର ଉତମ ଦୃଷ୍ଟାନ୍ତ ଉପସ୍ଥାପନ କରିଯାଇଛନ୍ତି । ଇସ୍‌ଲାମ୍‌ରେ ସ୍ତ୍ରୀ ମାନଙ୍କ ସହି ଯେଉଁ ସୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ତାର ଦଶ ଭାଗରୁ ଭାଗେ ମଧ୍ୟ ଅନ୍ୟ ଧର୍ମରେ ମିଳେ ନାହିଁ । ଏହା କେବଳ ଦାବି ନୁହେଁ ବରଂ ଆମେ ଗୋଟିଏ ଗୋଟିଏ କରି ଗଣାଇପାରିବୁ । ଇସ୍‌ଲାମ୍ ମା' ର କର୍ତବ୍ୟ ସ୍ତ୍ରୀ, ଝିଅ, ଭଉଣୀ ଓ ଅନ୍ୟ ସ୍ତ୍ରୀ ମାନଙ୍କ ସହିତ ଯେଉଁ ସୁବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛି ତାକୁ ଲେଖିବାକୁ ହେଲେ ବହୁତ ବଡ଼ ବିଷୟ ହୋଇଯିବ । ତେଣୁ ଏଠାରେ କେବଳ ସ୍ତ୍ରୀ ମାନଙ୍କ ଅତ୍ୟାଚାର ହେବାର କଥା କହି ଅନ୍ୟମାନେ ଯେଉଁ ଆରୋପ ଲଗାଉଛନ୍ତି ତାର ଉତର ଦିଆଗଲା ଆସନ୍ତା ଅଙ୍କରେ ଆମେ ବିଶେଷ ରୂପେ ଇସ୍‌ଲାମ୍‌ରେ ସ୍ତ୍ରୀ ମାନଙ୍କ ନିମନ୍ତେ ଯେଉଁ ସୁକର୍ତବ୍ୟ ଓ ସୁବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଅଛି ତାର ଚର୍ଚ୍ଚା କରିବୁ । କ୍ରମଶଃ....... (ମନ୍‌ସୁର ଅହମଦ୍ ମସ୍‌ରୁର୍)

## ଯମାତର ଖିଦ୍‌ମତ୍ (ସେବା) କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍‌ର କେତେଗୁଡିଏ ଦଫତର୍‌ରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକ ଅଛି । ଯେଉଁ ବନ୍ଧୁମାନେ ସଦର ଅଞ୍ଜୁମାନ୍ ଅହେମଦୀୟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଖିଦ୍‌ମତ୍ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ ।

(୧) ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ଶିକ୍ଷାର କୌଣସି ସର୍ତ ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ । ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଜରୁରୀ ଅଟେ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ପାଇଁ ଚୟନ କରାଯିବ ଯେଉଁମାନେ କର୍ମଚାରୀ ନିଯୁକ୍ତ ବୋର୍ଡ଼ ଦ୍ୱାରା ଇଂଟର୍‌ଭିଉରେ କୃତକାର୍ଯ୍ୟ ହେବେ ।

(୪) ସେହି ପ୍ରାର୍ଥୀ ଖିଦ୍‌ମତ୍ କରିବା ପାଇଁ ଚୟନ ହେବେ ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡ଼ିକାଲ୍ ବୋର୍ଡ଼ ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ନିରୋଗୀ ହୋଇଥିବେ ।

(୫) କାଦିଆନ୍ ଯିବା ଆସିବାର ରାସ୍ତା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀଙ୍କ ଚୟନ ହୁଏ ଏହି ପରିସ୍ଥିତିରେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ସମ୍ପୃକ୍ତ ଦରଖାସ୍ତ ଫର୍ମ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟାଙ୍କ ଠାରୁ ପ୍ରାପ୍ତ କରିପାରିବେ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ଆସିବ ତା ଉପରେ ଚିନ୍ତା କରାଯିବ)

(ନାଜର୍ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରିପାରିବେ:-**

ଦଫ୍‌ତର୍ : ୦୧୮୭୨-୫୦୧୧୩୦

ମୋବାଇଲ୍ : ୦୯୮୧୫୪୩୩୭୬୦

e-mail : nazaratdiwanqdn@gmail.com

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ଯବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଉଁ ୱଲା ତନ୍‌ହର୍‌ହୁମା ୱକୁଲ୍‌ଲ୍ଲହୁମା କଓ୍ୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା, ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

# ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତା

**ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍**

**୨୦୧୭ ବର୍ଷ ନିମନ୍ତେ**

ହିନ୍ଦୁସ୍ତାନ୍‌ର ଅହେମଦୀ ଲୋକମାନେ ପୁରୁଷ ଓ ସ୍ତ୍ରୀ, ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ ଲେଖିବାର କ୍ଷମତାକୁ ବିକାଶ କରିବା ପାଇଁ ଏବଂ ସେମାନଙ୍କ ଭିତରେ ଲୁଚି ରହିଥିବା ଗୁଣକୁ ଉଜାଗର କରିବା ପାଇଁ ପ୍ରତ୍ୟେକ ବର୍ଷ ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ଆନୁକୁଲ୍ୟରେ ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତା କରାଯାଉଛି । ଏବର୍ଷ ପୁରସ୍କାର ମୂଳକ ପ୍ରବନ୍ଧ ନିମନ୍ତେ ନିମ୍ନରେ ଦିଆଯାଇଥିବା ବିଷୟକୁ ଧାର୍ଯ୍ୟ କରାଯାଇଛି ।

**ବିଷୟବସ୍ତୁ :- କୁରାନ୍ କରିମ୍ ହସ୍ତିବାରି ତାଲା କା ଏକ ଅଜିମୁସ୍‌ଶାନ୍ ସବୁତ୍**

The Holy Qur'an is the greatest proof of existance of God.

*ପ୍ରବନ୍ଧ ଲେଖିବାର ସର୍ତାବଳୀ :-*

- ପ୍ରବନ୍ଧଟି ଅତି କମ୍‌ରେ ୫୦୦୦ ଶବ୍ଦ ବିଶିଷ୍ଟ ହୋଇଥିବ ।
(ଏହି ଶବ୍ଦଗୁଡିକ ପ୍ରବନ୍ଧ ଲେଖକଙ୍କର ନିଜର ହୋଇଥିବ । ହୱାଲା (ପ୍ରସଙ୍ଗ)ଗୁଡିକ ଯାହା Quote କରାଯିବ ତାହା ଏତତ୍‌ବ୍ୟତୀତ ହେବ)
- ପ୍ରବନ୍ଧଟି ଉର୍ଦ୍ଦୁ, ଇଂରାଜୀ ଓ ହିନ୍ଦି ଭାଷା ମଧ୍ୟରୁ କୌଣସି ଗୋଟିଏ ଭାଷାରେ ଲେଖାଯାଇପାରିବ ।
- ପ୍ରବନ୍ଧ ସୁନ୍ଦର ଅକ୍ଷରରେ ଏବଂ ପୃଷ୍ଠାର ୨/୩ ଭାଗରେ ଲେଖାହୋଇଥିବ । କାଗଜର ପଛପଟେ ଲେଖାହୋଇନଥିବ ।
- ପ୍ରବନ୍ଧରେ ଲାଲ୍ କାଳିର ବ୍ୟବହାର ହୋଇନଥିବ ।
- ଏହି ପ୍ରବନ୍ଧରେ ଭାଗନେବା ପାଇଁ ବୟସର କୌଣସି ସୀମା ନାହିଁ ।
- ପ୍ରବନ୍ଧର ହୱାଲା ଗୁଡିକ ପ୍ରମାଣିତ ଓ ସମ୍ପୂର୍ଣ୍ଣ ହୋଇଥିବ । ଖବରକାଗଜର କଟିଙ୍ଗ୍ ଯୋଡ଼ାହୋଇଥିଲେ ଅଧିକ ଉତମ ହେବ ।
- ପ୍ରବନ୍ଧ ଲେଖକଙ୍କୁ ନଜାରତ୍ ତାଲିମ୍‌ରେ ନିଜର ପ୍ରବନ୍ଧ ଜମା କରିବା ପରେ ତାକୁ ପୁନର୍ବାର ମାଗିନେବାର ଅଧିକାର ରହିବ ନାହିଁ ।
- ପ୍ରବନ୍ଧ ଲେଖକ ପାଇଁ ଏହା ଜରୁରୀ ଅଟେ ଯେ ପ୍ରଥମ ପୃଷ୍ଠା ଉପରେ ପ୍ରବନ୍ଧ ଲେଖକ ନିଜର ନାମ, ସମ୍ପୂର୍ଣ୍ଣ ଠିକଣା, ଫୋନ୍ ନଂ ଓ ଇ-ମେଲ୍ ଆଇ.ଡି. ଦରଜା କରିବେ ।
- ପ୍ରବନ୍ଧ ଲେଖକଙ୍କର ସବୁ ପ୍ରକାର ଅଧିକାର ନଜାରତ୍ ତାଲିମ୍‌ଙ୍କ ହକ୍‌ରେ ସୁରକ୍ଷିତ ରହିବ । କୌଣସି ପ୍ରବନ୍ଧ ଲେଖକଙ୍କୁ ନିଜ ତରଫରୁ ପ୍ରବନ୍ଧକୁ ପ୍ରକାଶ କରିବା ପାଇଁ ଅନୁମତି ଦିଆଯିବନାହିଁ ।
- ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବ୍ୟକ୍ତିଙ୍କୁ କ୍ରମାନୁସାରେ ୫୦୦୦/-, ୪୦୦୦/- ଓ ୩୦୦୦/- ଟଙ୍କା ନଗଦ ପୁରସ୍କାର ଦିଆଯିବ ।
- ପ୍ରବନ୍ଧଟି ୩୦-ନଭେମ୍ବର୍-୨୦୧୭ ଭିତରେ ଡାକ ଜରିଆରେ ବା ହାତଦ୍ୱାରା ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ନିକଟରେ ପହଂଚିବା ଆବଶ୍ୟକ ।

ନାଜର୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ।

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

# ଖୁତ୍‌ବା ଜୁମା

* ଅନେକ ପୁରୁଷ ଓ ମହିଳା ମୋତେ ପତ୍ର ଲେଖିଥାନ୍ତି କି ଆମର ସନ୍ତାନ ହେବାର ଅଛି, ସେଥିପାଇଁ ଦୁଆ କରିବେ କିମ୍ବା ଏହି ସନ୍ତାନ ପାଇଁ ଆମେ କେଉଁ ଦୁଆ କରିବୁ କିମ୍ବା ଏପରି ଲେଖିଥାନ୍ତି କି ଆମର ସନ୍ତାନ ଅଛନ୍ତି ଏବଂ ସେମାନେ ଯୁବାବସ୍ଥାରେ ପଦାର୍ପଣ କରିବାକୁ ଯାଉଛନ୍ତି, ସେମାନଙ୍କ ପ୍ରଶିକ୍ଷଣକୁ ନେଇ ଆମେ ଚିନ୍ତିତ । ସେମାନଙ୍କ ପାଇଁ ଆମେ କେଉଁ ଦୁଆ କରିବୁ, କିଭଳି ସେମାନଙ୍କ ତରବିୟତ୍ କରିବୁ ଯେପରି ଆମ ପିଲାମାନେ ଉତମ କର୍ମ ସମ୍ପାଦନ କରିବା ସହିତ ଉଚିତ୍ ମାର୍ଗରେ ପ୍ରତିଷ୍ଠିତ ରହିବେ ।

* ହଜରତ ମସିହ ମଉଦ ଆ.ସ ଯେଉଁ କ୍ରାନ୍ତି ଆଣିବା ପାଇଁ ଅଲ୍ଲାଃଙ୍କ ତରଫରୁ ସଂସାରକୁ ପ୍ରେରଣ କରାଯାଇଥିଲେ । ଆମ୍ଭେ ତାଙ୍କର ଅଙ୍ଗ ହେବା ନିମନ୍ତେ ନିଜର ସମସ୍ତ ପ୍ରତିଭା ଓ ସାମର୍ଥ୍ୟକୁ ବିନିଯୋଗ କରିବା ଉଚିତ୍ ଏବଂ ନିଜର ଆସନ୍ତା ପିଢୀରେ ମଧ୍ୟ ଏହି ଆତ୍ମାକୁ ଫୁଙ୍କିବା, ଯାହାକି ଆମର ଅସଲ ଉଦ୍ଦେଶ୍ୟ ଅଟେ ।

* ଅଲ୍ଲାଃତାଲା ପବିତ୍ର କୋରାନରେ ପୁଣ୍ୟବନ୍ତ ସନ୍ତାନ ପ୍ରାପ୍ତି ନିମନ୍ତେ ଦୁଆ ଶିଖାଇଛନ୍ତି । ଗୋଟିଏ ସ୍ଥାନରେ ହଜରତ ଜକରିୟା ଆ.ସଙ୍କ ମାଧ୍ୟମରେ ଏହି ଦୁଆ ଶିଖାଇଲେ- **ରବ୍‌ବେ ହବ୍‌ଲି ମିଲ୍‌ଲଦୁନକା ଜୁର୍ ରିୟତନ୍ ତୟିବତନ୍ ଇନ୍ନକା ସମିଉଦ୍‌ଦୁଆ** ଅର୍ଥାତ ହେ ମୋର ପ୍ରଭୁ ! ମୋତେ ନିଜ ନିକଟରୁ ପବିତ୍ର ସନ୍ତାନ ପ୍ରଦାନ କର ନିଃସନ୍ଦେହ ତୁମେ ବହୁତ ଦୁଆ ସ୍ୱୀକାରକାରୀ ।

* ଅଲ୍ଲାଃତାଲା ସ୍ୱୟଂ ଏହି ଦୁଆ ଶିଖାଇଲେ କି ମୁଁ ହିଁ ଦୁଆ ସ୍ୱୀକାର କରିଥାଏ । ସୁତରାଂ ତୁମେ ମଧ୍ୟ କୁହ କି ହେ ଅଲ୍ଲାଃ ତୁମେ ଦୁଆ ସ୍ୱୀକାର କରିଥାଅ, ତେଣୁ ତୁମେ ଆମର ଦୁଆ ସ୍ୱୀକାର କର ଏବଂ ଆମ୍ଭକୁ ପବିତ୍ର ସନ୍ତାନ ପ୍ରଦାନ କର । ଅତଃ ଯଦି ପବିତ୍ର ସନ୍ତାନର କାମନା କର ତେବେ ସେଥିପାଇଁ ଦୁଆ କରିବା ଅନିର୍ବାର୍ଯ୍ୟ । କିନ୍ତୁ ଏଥିସହିତ ପିତାମାତାଙ୍କୁ ସେହି ପବିତ୍ର ଚିନ୍ତାଧାରା ଓ ପୁଣ୍ୟକର୍ମର ଅଧିକାରୀ ହେବା ଉଚିତ୍, ଯାହାକି ପବିତ୍ର ପୁରୁଷ ଓ ଅବତାରମାନଙ୍କ ଗୁଣ ଅଟେ ।

* ସନ୍ତାନମାନଙ୍କ ପୁଣ୍ୟବନ୍ତ ହେବା ଓ ଯୁଗର କୁପ୍ରଭାବରୁ ରକ୍ଷା ପାଇବା ନିମନ୍ତେ ଆବଶ୍ୟକ କି ସନ୍ତାନ ପ୍ରାପ୍ତି ନିମନ୍ତେ ଆଗ୍ରହ ଓ ସେମାନଙ୍କ ଜନ୍ମ ହେବା ପୂର୍ବରୁ ଉଭୟ ପିତାମାତା ଉତମ କର୍ମ କରିବା ଉଚିତ୍ ।

* ପବିତ୍ର କୋରାନରେ ହଜରତ ଜକରିୟା ଆ.ସଙ୍କ ମାଧ୍ୟମରେ ସୁରେ ଅମ୍ବିୟାରେ କୁହନ୍ତି- **ରବ୍‌ବେ ଲା ତଜର୍‌ନି ଫରଦଉଁ ୱ ଅନ୍‌ତା ଖୈରୁଲ୍ ୱାରିସିନ୍** ଅର୍ଥାତ ହେ ମୋର ଅଲ୍ଲାଃ ! ମୋତେ ଏକାକି ଛାଡ଼ ନାହିଁ ଏବଂ ତୁମେ ସମସ୍ତ ଉତରାଧିକାରୀ ଠାରୁ ଉତମ ଅଟ ।

* ସନ୍ତାନମାନଙ୍କ ଦ୍ୱାରା ପରୀକ୍ଷା ମଧ୍ୟ ବଡ଼ ପରୀକ୍ଷା ଅଟେ । ଯଦି ସନ୍ତାନ ପୁଣ୍ୟବନ୍ତ ହୋଇଥାଏ ତେବେ ଆଉ ବା କ'ଣ ଚିନ୍ତା ହୋଇପାରେ । ଅଲ୍ଲାଃତାଲା ସ୍ୱୟଂ କୁହନ୍ତି- **ୱହୁୱା ୟତୱଲିସ୍ ସାଲିହିନ୍** ଅର୍ଥାତ ଅଲ୍ଲାଃତାଲା ସ୍ୱୟଂ ପୁଣ୍ୟବନ୍ତଙ୍କର ଜଗୁଆଳି ଓ ରକ୍ଷକ ସାଜିଥାନ୍ତି ।

* ପବିତ୍ର କୋରାନରେ ଅଲ୍ଲାଃତାଲା ଆମ୍ଭକୁ ଏହି ଦୁଆ ଶିକ୍ଷା ଦେଲେ କି **ୱ ଅସ୍‌ଲିହ୍‌ଲି ଫି ଜୁର୍‌ରିୟତି ଇନ୍ନି ତୁବ୍‌ତୁ ଇଲୈକା ୱ ଇନ୍ନି ମିନଲ୍ ମୁସ୍‌ଲିମିନ୍** ଅର୍ଥାତ ମୋ ପାଇଁ ମୋ ସନ୍ତାନସନ୍ତତିଙ୍କ ସୁଧାର କରିଦିଅ ନିଃସନ୍ଦେହ ମୁଁ ତୁମ ନିକଟରେ ନତମସ୍ତକ ହେଉଅଛି ଏବଂ ନିଃସନ୍ଦେହ ମୁଁ ତୁମ୍ଭର ଆଜ୍ଞାବହ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

* ଲୋକମାନେ ସନ୍ତାନର ଅଭିଳାଷା ତ କରିଥାନ୍ତି କିନ୍ତୁ ଏଥିପାଇଁ ନୁହେଁ କି ସେମାନେ ଧର୍ମର ସେବା କରିବେ ବରଂ ଏଥିପାଇଁ କି ସଂସାରରେ ସେମାନଙ୍କର କେହି ଉତରାଧିକାରୀ ହେବେ ଏବଂ ଯେତେବେଳେ ସନ୍ତାନ ଜନ୍ମ ହୋଇଥାଏ, ସେମାନଙ୍କ ପ୍ରଶିକ୍ଷଣ ପ୍ରତି ଚିନ୍ତା ନଥାଏ, ନା ସେମାନଙ୍କ ଆସ୍ଥାର ସୁଧାର କରାଯାଇଥାଏ ।

* ହଜୁର ଆ.ସ କୁହନ୍ତି ମୁଁ ଦେଖୁଅଛି ଲୋକମାନେ ଯାହା କିଛି କରୁଛନ୍ତି ତାହା କେବଳ ସଂସାର ପ୍ରାପ୍ତି ନିମନ୍ତେ କରୁଛନ୍ତି । ସେମାନେ ପ୍ରେମ ସଂସାର ପାଇଁ କରିଥାନ୍ତି ଅଲ୍ଲାଃଙ୍କ ପାଇଁ ନୁହେଁ । ଯଦି ସନ୍ତାନ କାମନା କର ତେବେ ଏହି ନିୟତର ସହ କର କି **ୱଜ୍ ଅଲ୍‌ନା ଲିଲ୍‌ମୁତ୍‌ତକିନା ଇମାମା** ଏହା ଉପରେ ନଜର ରଖି (କାମନା) କର କି ଏପରି ସନ୍ତାନ ହେଉ ଯେ ଇସଲାମର କଲମାକୁ ଉଚ୍ଚା କରିବାର ମାଧ୍ୟମ ସାଜିବ ।

* ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ପିଲାମାନଙ୍କ ପାଇଁ ସୁନ୍ଦର ନମୁନା ପ୍ରଦର୍ଶନ କରିବା ସହିତ ଧର୍ମକୁ ପ୍ରାଥମିକତା ଦେବାର ପ୍ରତିଶୃତିକୁ ପୂରଣ କରୁ । ଯେପରି କିଛି ଲୋକଙ୍କର ବଦ ଅଭ୍ୟାସ ଥାଏ କି ଅନ୍ୟମାନଙ୍କୁ ଦେଖିଥାନ୍ତି କି ସେ କିପରି ଅଟେ, ଏହା ଦେଖିବା ପରିବର୍ତେ ନିଜର ସୁଧାର ପ୍ରତି ଧ୍ୟାନ ଦିଅନ୍ତୁ । ତେବେଯାଇ ଆମେ ଭବିଷ୍ୟତ ପାଇଁ ଏକ ଉତମ ପିଢୀ ପ୍ରଦାନ କରିପାରିବା ଯେ (ହୃଦୟରେ) ଈଶ୍ୱର ଭୟ ରଖୁଥିବେ । ନିଜ ସନ୍ତାନମାନଙ୍କ ପାଇଁ ନିରନ୍ତର ଦୁଆ କର ଯଦ୍ୱାରା ଆମ ସନ୍ତାନମାନେ ଚିରକାଳ ପାଇଁ ଆମ ଚକ୍ଷୁକୁ ଶୀତଳତା ପ୍ରଦାନ କରିଚାଲିଥିବେ ଏବଂ ଏହି ପକ୍ରିୟା ଅବ୍ୟାହତ ରହିଥିବ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ

## (ପ୍ରଦତ୍ତ: ୧୪ ଜୁଲାଇ ୨୦୧୭ ଅନୁଯାୟୀ ୧୪ ୱଫା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- ଅନେକ ପୁରୁଷ ଓ ମହିଳା ମୋତେ ପତ୍ର ଲେଖିଥାନ୍ତି କି ଆମର ସନ୍ତାନ ହେବାର ଅଛି, ସେଥିପାଇଁ ଦୁଆ କରିବେ କିମ୍ବା ଏହି ସନ୍ତାନ ପାଇଁ ଆମେ କେଉଁ ଦୁଆ କରିବୁ କିମ୍ବା ଏପରି ଲେଖିଥାନ୍ତି କି ଆମର ସନ୍ତାନ ଅଛନ୍ତି ଏବଂ ସେମାନେ ଯୁବାବସ୍ଥାରେ ପଦାର୍ପଣ କରିବାକୁ ଯାଉଛନ୍ତି, ସେମାନଙ୍କ ପ୍ରଶିକ୍ଷଣକୁ ନେଇ ଆମେ ଚିନ୍ତିତ । ସେମାନଙ୍କ ପାଇଁ ଆମେ କେଉଁ ଦୁଆ କରିବୁ, କିଭଳି ସେମାନଙ୍କ ତରବିୟତ୍ କରିବୁ ଯେପରି ଆମ ପିଲାମାନେ ଉତମ କର୍ମ ସମ୍ପାଦନ କରିବା ସହିତ ଉଚିତ୍ ମାର୍ଗରେ ପ୍ରତିଷ୍ଠିତ ରହିବେ । ଅଲ୍ଲାଃତାଲା ପବିତ୍ର କୋରାନର ବିଭିନ୍ନ ସ୍ଥାନରେ ପିଲାମାନଙ୍କ ଜନ୍ମ ପୂର୍ବରୁ ଆରମ୍ଭ କରି ବଡ଼ ହେବାଯାଏ ବିଭିନ୍ନ

ସ୍ତରରେ କିଭଳି ସେମାନଙ୍କ ତରବିୟତ୍ କରିବ ତଥା ସେମାନଙ୍କ ପାଇଁ ଦୁଆ କରିବାର ଶିକ୍ଷା ଦେଇ ଆମ୍ଭମାନଙ୍କ ଉପରେ ବହୁତ ବଡ଼ ଉପକାର କରିଛନ୍ତି । ପୁଣି ପିତାମାତାଙ୍କ ଦାୟିତ୍ୱ ସମ୍ବନ୍ଧରେ ମଧ୍ୟ ଅବଗତ କରାଇଛନ୍ତି । ଯଦି ଆମେ ସେହି ଦୁଆ ପାଠ କରିବା ସହିତ ତଦନୁଯାୟୀ ଜୀବନ ଅତିବାହିତ କରିବା ଓ ନିଜ ପିଲାମାନଙ୍କ ତରବିୟତ୍ କରିବା ତେବେ ଭବିଷ୍ୟତରେ ଗୋଟିଏ ପୁଣ୍ୟବନ୍ତ ପିଢୀ ଲାଭ କରିପାରିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପିଲାମାନଙ୍କ ତରବିୟତ୍ କରିବା ଏକ ସରଳ କାର୍ଯ୍ୟ ନୁହେଁ । ବିଶେଷ କରି ଏହି ଯୁଗରେ ଯେତେବେଳେ କି ପ୍ରତି ପାଦରେ ଇସତାନର ବିଭିନ୍ନ ସୃଷ୍ଟି ଅତିରମଣିୟ ଢଙ୍ଗରେ ଆମ ସମ୍ମୁଖରେ ଦଣ୍ଡାୟମାନ ରହିଥାଏ । କିନ୍ତୁ ଅଲ୍ଲାଃତାଲା ଯେଉଁ ଦୁଆ ଓ ମାର୍ଗ ଦର୍ଶାଇଛନ୍ତି, ଯଦି ଆମେ ଇଚ୍ଛା କରୁ ତେବେ ନିଜେ ଓ ନିଜ ସନ୍ତାନମାନଙ୍କୁ ସଇତାନର କବଳରୁ ରକ୍ଷା କରିପାରିବା । କିନ୍ତୁ ଏଥିପାଇଁ କ୍ରମାଗତ ଭାବାରେ ଦୁଆ, ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା ଓ ପରିଶ୍ରମ ତଥା ପ୍ରଚେଷ୍ଟାର ଆବଶ୍ୟକତା ରହିଛି । ଗୋଟିଏ ନିରନ୍ତର ସଂଘର୍ଷର ଆବଶ୍ୟକତା ରହିଛି ଏବଂ ଜଣେ ପ୍ରକୃତ ମୋମିନ୍ ଠାରୁ ଏହା ହିଁ ଆଶା କରାଯାଇଥାଏ କି ସେ ଅଲ୍ଲାଃଙ୍କ ସହ ସମ୍ପର୍କ ଯୋଡ଼ି ନିଜ ଓ ନିଜ ସନ୍ତାନମାନଙ୍କୁ ସଇତାନର ଆକ୍ରମଣରୁ ରକ୍ଷା କରିବା ଉଚିତ୍ ନା କି ନିରାଶ ହୋଇ କିମ୍ବା ଭୟଭୀତ ହୋଇ ନିଜ ଉପରେ ନକାରାତ୍ମକ ଚିନ୍ତାଧାରା ପୋଷଣ କରିବାକୁ ଶେୟ ଦେବା ।

ହଜରତ ମସିହ ମଉଦ ଆ.ସ ଯେଉଁ କ୍ରାନ୍ତି ଆଣିବା ପାଇଁ ଅଲ୍ଲାଃଙ୍କ ତରଫରୁ ସଂସାରକୁ ପ୍ରେରଣ କରାଯାଇଥିଲେ । ଆମ୍ଭେ ତାଙ୍କର ଅଙ୍ଗ ହେବା ନିମନ୍ତେ ନିଜର ସମସ୍ତ ପ୍ରତିଭା ଓ ସାମର୍ଥ୍ୟକୁ ବିନିଯୋଗ କରିବା ଉଚିତ୍ ଏବଂ ନିଜର ଆସନ୍ତା ପିଢୀରେ ମଧ୍ୟ ଏହି ଆତ୍ମାକୁ ଫୁଙ୍କିବା, ଯାହାକି ଆମର ଅସଲ ଉଦ୍ଦେଶ୍ୟ ଅଟେ । ପୁଣି ତାଙ୍କ ପାଇଁ ଦୁଆ କରିବା ସହିତ ସେମାନଙ୍କ ତରବିୟତ୍ ମଧ୍ୟ କରିବାର ଅଛି ଯେପରି ପରିବେଶର ମନ୍ଦ ଓ କୁପ୍ରଭାବ ସତ୍ୱେ ଆମେ ସଇତାନକୁ ସଫଳ ହେବାକୁ ଦେବା ନାହିଁ (ଇନ୍ନଶା ଅଲ୍ଲାଃ) । ସଂସାରରେ ଅଲ୍ଲାଃଙ୍କ ରାଜତ୍ୱକୁ ପ୍ରତିଷ୍ଠିତ କରିବାର ପ୍ରୟାସ କରିବା ।

ଅଲ୍ଲାଃତାଲା ପବିତ୍ର କୋରାନରେ ପୁଣ୍ୟବନ୍ତ ସନ୍ତାନ ପ୍ରାପ୍ତି ନିମନ୍ତେ ଦୁଆ ଶିଖାଇଛନ୍ତି । ଗୋଟିଏ ସ୍ଥାନରେ ହଜରତ ଜକରିୟା ଆ.ସଙ୍କ ମାଧ୍ୟମରେ ଏହି ଦୁଆ ଶିଖାଇଲେ- **ରବ୍ବେ ହବ୍ଲି ମିଲ୍ଲଦୁନକା ଜୁର୍ ରିୟତନ୍ ତୟିବତନ୍ ଇନ୍ନକା ସମିଉଦ୍ଦୁଆ** ଅର୍ଥାତ ହେ ମୋର ପ୍ରଭୁ ! ମୋତେ ନିଜ ନିକଟରୁ ପବିତ୍ର ସନ୍ତାନ ପ୍ରଦାନ କର ନିଃସନ୍ଦେହ ତୁମେ ବହୁତ ଦୁଆ ସ୍ୱୀକାରକାରୀ । ଅଲ୍ଲାଃତାଲା ସ୍ୱୟଂ ଏହି ଦୁଆ ଶିଖାଇଲେ କି ମୁଁ ହିଁ ଦୁଆ ସ୍ୱୀକାର କରିଥାଏ । ସୁତରାଂ ତୁମେ ମଧ୍ୟ କୁହ କି ହେ ଅଲ୍ଲାଃ ତୁମେ ଦୁଆ ସ୍ୱୀକାର କରିଥାଅ, ତେଣୁ ତୁମେ ଆମର ଦୁଆ ସ୍ୱୀକାର କର ଏବଂ ଆମ୍ଭକୁ ପବିତ୍ର ସନ୍ତାନ ପ୍ରଦାନ କର । ଅତଃ ଯଦି ପବିତ୍ର ସନ୍ତାନର କାମନା କର ତେବେ ସେଥିପାଇଁ ଦୁଆ କରିବା ଅନିର୍ବାର୍ଯ୍ୟ । କିନ୍ତୁ ଏଥିସହିତ ପିତାମାତାଙ୍କୁ ସେହି ପବିତ୍ର ଚିନ୍ତାଧାରା ଓ ପୁଣ୍ୟକର୍ମର ଅଧିକାରୀ ହେବା ଉଚିତ, ଯାହାକି ପବିତ୍ର ପୁରୁଷ ଓ ଅବତାରମାନଙ୍କ ଗୁଣ ଅଟେ । କେତେକ ସମୟରେ ମାଁ ମାନେ ଧର୍ମ ପ୍ରତି (ପିଲାମାନଙ୍କ) ଧ୍ୟାନ ଆକର୍ଷିତ କରିଥାନ୍ତି ଏବଂ ନିଜ ଉପାସନା ମଧ୍ୟ ସମ୍ପାଦନ କରିଥାନ୍ତି କିନ୍ତୁ ପୁରୁଷମାନେ (ଉପାସନା) କରିନଥାନ୍ତି । ପୁଣି କେତେକସ୍ଥାନେ ପୁରୁଷମାନେ ନିଜର କର୍ତ୍ତବ୍ୟ ସଠିକ୍ ରୂପେ ସମ୍ପାଦନ କରିଥାନ୍ତି ତ ମହିଳାମାନେ କରିନଥାନ୍ତି । ସନ୍ତାନମାନଙ୍କ ପୁଣ୍ୟବନ୍ତ ହେବା ଓ ଯୁଗର କୁପ୍ରଭାବରୁ ରକ୍ଷା ପାଇବା ନିମନ୍ତେ ଆବଶ୍ୟକ କି ସନ୍ତାନ ପ୍ରାପ୍ତି ନିମନ୍ତେ ଆଗ୍ରହ ଓ ସେମାନଙ୍କ ଜନ୍ମ ହେବା ପୂର୍ବରୁ ଉଭୟ ପିତାମାତା ଉତ୍ତମ କର୍ମ କରିବା ଉଚିତ୍ ।

ପବିତ୍ର କୋରାନରେ ହଜରତ ଜକରିୟା ଆ.ସଙ୍କ ମାଧ୍ୟମରେ ସୁରେ ଅମ୍ବିୟାରେ କୁହନ୍ତି- **ରବ୍ବେ ଲା ତଜରନି ଫରଦଉଁ ୱ ଅନ୍ତା ଖୈରୁଲ୍ ୱାରିସିନ୍** ଅର୍ଥାତ ହେ ମୋର ଅଲ୍ଲାଃ ! ମୋତେ ଏକାକି ଛାଡ଼ ନାହିଁ ଏବଂ ତୁମେ ସମସ୍ତ ଉତରାଧିକାରୀ ଠାରୁ ଉତ୍ତମ ଅଟ । ଏହି ଦୁଆରେ ମଧ୍ୟ ଅଲ୍ଲାଃତାଲାଙ୍କୁ ଉତ୍ତମ ଉତରାଧିକାରୀ କୁହାଯାଇଛି । ଏଥିରୁ ସ୍ପଷ୍ଟ ହେଲା ଯେ ସନ୍ତାନର ଦୁଆ କେବଳ ଏଥିପାଇଁ କରିବାର ନାହିଁ କି ସନ୍ତାନ ଲାଭ ହେଲେ ସେ ଆମ(ଧନ ସମ୍ପତି)ର ଉତରାଧିକାରୀ ହେବ ବରଂ ଏପରି ସନ୍ତାନ ପ୍ରାପ୍ତି ହୁଅନ୍ତୁ ଯେ ଅଲ୍ଲାଃଙ୍କ ନିକଟରୁ ଆସି ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବ । ଏପରି ଦୁଆ ସେହି ମାଗିଥାଏ ଯେ ସ୍ୱୟଂ ଧର୍ମକୁ ପ୍ରାଥମିକତା ଦେଇଥାଏ । ଯଦି ଜଣେ ସଂସାରରେ ହିଁ ବୁଡ଼ି ରହିଥିବ ତେବେ ପୁଣ୍ୟବନ୍ତ ସନ୍ତାନ ପ୍ରାପ୍ତିର ଦୁଆ କିଭଳି କରିବ । ଯଦି ଜଣେ ମହିଳା କେବଳ ଏଥିପାଇଁ ସନ୍ତାନ କାମନା କରିଥାଏ କି ତାର ସ୍ୱାମୀର ସନ୍ତାନର ଅଭିଳାଷି ତେବେ ଏପରି ସନ୍ତାନ କେତେକ ସମୟରେ ପରୀକ୍ଷାର କାରଣ ସାଜିଥାନ୍ତି । ସନ୍ତାନର କାମନା କରିବା ଉଚିତ୍ ଅଟେ କିନ୍ତୁ ଏଥି ସହିତ ଉତ୍ତମ ସନ୍ତାନ ପ୍ରାପ୍ତ ହେବା ନିମନ୍ତେ ଦୁଆ କରିବା ଉଚିତ୍ । **ହଜରତ ମସିହ ମଉଦ ଆ.ସ ଏହି କଥା ବର୍ଣ୍ଣନା କରି କହିଲେ ସନ୍ତାନ ପ୍ରାପ୍ତି ହେବା କାମନା କେବଳ ଉତରାଧିକାରୀ ହେବା ନିମନ୍ତେ କର ନାହିଁ ବରଂ ସେ କିଭଳି ଉତ୍ତମ, ସଦାଚାରୀ ତଥା ଧର୍ମ ସେବକ ହେବ ସେଥିପାଇଁ ଦୁଆ କର ନଚେତ୍ ସନ୍ତାନ ମଧ୍ୟ ପରୀକ୍ଷାର କାରଣ ହୋଇପାରେ ।** ଏକଦା ଆପଣ କହିଲେ-

ସନ୍ତାନମାନଙ୍କ ଦ୍ୱାରା ପରୀକ୍ଷା ମଧ୍ୟ ବଡ଼ ପରୀକ୍ଷା ଅଟେ । ଯଦି ସନ୍ତାନ ପୁଣ୍ୟବନ୍ତ ହୋଇଥାଏ ତେବେ ଆଉ ବା କ'ଣ ଚିନ୍ତା ହୋଇପାରେ । ଅଲ୍ଲାଃତାଲା ସ୍ୱୟଂ କୁହନ୍ତି- **ୱହୁୱା ୟତଓ୍ୱଲିସ୍ ସାଲିହିନ୍** ଅର୍ଥାତ ଅଲ୍ଲାଃତାଲା ସ୍ୱୟଂ ପୁଣ୍ୟବନ୍ତଙ୍କର ଜଗୁଆଳି ଓ ରକ୍ଷକ ସାଜିଥାନ୍ତି । ଯଦି ଜଣେ ହତଭାଗା ହୋଇଥାଏ ତେବେ ତାହା ପାଇଁ ଲକ୍ଷାଧିକ ଟଙ୍କା ଛାଡ଼ିଗଲେ ମଧ୍ୟ ସେ ତାହାକୁ କୁକର୍ମରେ ନଷ୍ଟ କରି କାଙ୍ଗାଳ ହୋଇ ଅସୁବିଧାର ସମ୍ମୁଖୀନ ହୋଇଥାଏ । ଯେଉଁ ବ୍ୟକ୍ତି ନିଜ ବିଚାର ଅଲ୍ଲାଃଙ୍କ ବିଚାର ଓ ଇଚ୍ଛା ମୁତାବକ କରିନିଏ, ସେ ନିଜ ସନ୍ତାନମାନଙ୍କ ତରଫରୁ ନିଶ୍ଚିନ୍ତ ହୋଇଯାଇଥାଏ । ଅଲ୍ଲାଃଙ୍କ ରାଏ ଓ ଇଚ୍ଛା କ'ଣ ଏହି କି ଯେ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବା ।

ଆଉ ଏକ ସ୍ଥାନରେ ଆପଣ ଉପଦେଶ ପୂର୍ବକ ସନ୍ତାନ (ପ୍ରାପ୍ତି) ବିଷୟରେ କୁହନ୍ତି- ଅତଃ ସ୍ୱୟଂ ଉତ୍ତମ ହୁଅ ଏବଂ ନିଜ ସନ୍ତାନମାନଙ୍କ ପାଇଁ ପୁଣ୍ୟ ଓ ଈଶ୍ୱର ଭୟ ରଖିଥିବାର ନମୁନା ଦେଖାଅ । ସେମାନଙ୍କୁ ମୁତ୍ତକି ଓ ଧାର୍ମିକ କରିବା ନିମନ୍ତେ ଚେଷ୍ଟା ଓ ଦୁଆ କର । ଯେପରି ସେମାନଙ୍କ ପାଇଁ ଅର୍ଥ ଜମା କରିବା ପାଇଁ ଚେଷ୍ଟା କରୁଅଛ ସେହିଭଳି ଏଥିପାଇଁ ମଧ୍ୟ ଚେଷ୍ଟା କର । ପୁନଃ ଆପଣ କୁହନ୍ତି ଲୋକମାନେ ସନ୍ତାନ ପ୍ରାପ୍ତିର କାମନା କରିଥାନ୍ତି କିନ୍ତୁ କେତେକ ଧନିକ ଶ୍ରେଣୀର ଲୋକଙ୍କୁ ଏହି କଥା କହିବାର ଶୁଣିଛି କି ଆମର ଗୋଟିଏ ସନ୍ତାନ ହୋଇଯାନ୍ତା କି ଯେ ଏହି ସମ୍ପତିର ଉତରାଧିକାରୀ ହୁଅନ୍ତା । କିନ୍ତୁ ସେମାନେ ଏକଥା ଜାଣି ନଥାନ୍ତି ଯେତେବେଳେ ସେମାନେ ମୃତ୍ୟୁ ବରଣ କରିବେ ସେତେବେଳେ ସେମାନଙ୍କ ସାଥି କିଏ ଓ ସନ୍ତାନ କିଏ ? ସମସ୍ତେ ପର ହୋଇଯାଇଥାନ୍ତି । ଯଦି ସନ୍ତାନର କାମନା କର ତେବେ ଏହି ଉଦ୍ଦେଶ୍ୟ ରଖି କାମନା କର କି ସେ ଧର୍ମର ସେବା କରିବ ।

ପବିତ୍ର କୋରାନରେ ଅଲ୍ଲାଃତାଲା ଆମ୍ଭକୁ ଏହି ଦୁଆ ଶିକ୍ଷା ଦେଲେ କି **ୱ ଅସ୍‌ଲିହ୍‌ଲି ଫି ଜୁରରିୟତି ଇନ୍ନି ତୁବ୍‌ତୁ ଇଲୈକା ୱ ଇନ୍ନି ମିନଲ୍ ମୁସ୍‌ଲିମିନ୍** ଅର୍ଥାତ ମୋ ପାଇଁ ମୋ ସନ୍ତାନସନ୍ତତିଙ୍କ ସୁଧାର କରିଦିଅ ନିଃସନ୍ଦେହ ମୁଁ ତୁମ ନିକଟରେ ନତମସ୍ତକ ହେଉଅଛି ଏବଂ ନିଃସନ୍ଦେହ ମୁଁ ତୁମର ଆଜ୍ଞାବହ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ । ଏଠାରେ ସନ୍ତାନର ସୁଧାର ନିମନ୍ତେ ଦୁଆ କରିବା ସହିତ ଏହି କଥାର ମଧ୍ୟ ସ୍ୱୀକାର କରିବାକୁ କୁହାଯାଇଛି କି ହେ ଅଲ୍ଲାଃ ମୁଁ ତୁମ ନିକଟରେ ନତମସ୍ତକ ହେଉଅଛି ଏବଂ ତୁମର ଆଜ୍ଞାକାରୀ ଅଟେ । ସୁତରାଂ ଯେତେବେଳେ ସନ୍ତାନ ପାଇଁ ଦୁଆ କର ସେତେବେଳେ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା ଓ ତାଙ୍କର ଆଜ୍ଞାକାରୀ ହେବା ଜରୁରୀ ଅଟେ ତେବେଯାଇ ଦୁଆ ସ୍ୱୀକାର ହେବ ।

ସୁତରାଂ ଏହି ଦିଗରୁ ଦେଖିଲେ ପିତାମାତାଙ୍କ ଉପରେ ବହୁତ ବଡ଼ ଦାୟିତ୍ୱ ନ୍ୟସ୍ତ ରହିଛି । ଯଦି ନିଜର ନମୁନା ଏହି ଶିକ୍ଷା ବିପରୀତ ଅଟେ ତେବେ ସୁଧାର ପାଇଁ ଦୁଆ କରିବାର ନିୟତରେ ପବିତ୍ରତା ନାହିଁ । ଯଦି ଏପରି ଅମଳ କରି ନାହିଁ ତେବେ ଏହି ଅଭିଯୋଗ କରିବା ଭୁଲ୍ ଅଟେ କି ଆମେ ନିଜ ସନ୍ତାନ ପାଇଁ ବହୁତ ଦୁଆ କରିଥିଲୁ କିନ୍ତୁ ତଥାପି ସେମାନେ ଖରାପ ହୋଇଗଲେ କିମ୍ବା ଆମକୁ ପରୀକ୍ଷାରେ ପକାଇଦେଲେ ।

ପବିତ୍ର କୋରାନର ଆଉ ଏକ ସ୍ଥାନରେ ଅଲ୍ଲାଃ କୁହନ୍ତି- **ରବ୍ବନା ହବ୍ ଲନା ମିନ୍ ଅଜୱାଜିନା ୱଜୁରରିୟାତିନା କୁରରତା ଆୟୁନିଉଁ ୱଜ୍‌ଅଲନା ଲିଲ୍‌ମୁତ୍ତକିନା ଇମାମା** ଅର୍ଥାତ ହେ ଆମ୍ଭର ପାଳନକର୍ତ୍ତା ! ନିଜର ପତ୍ନୀ ଓ ସନ୍ତାନସନ୍ତତିଙ୍କ ତରଫରୁ ଆମ ଚକ୍ଷୁକୁ ଶୀତଳତା ପ୍ରଦାନ କର ଏବଂ ଆମମାନଙ୍କୁ ଈଶ୍ୱର ଭୟ ରଖିଥିବା ଗୋଷ୍ଠୀର ଇମାମ କରିଦିଅ । ଏହି ଦୁଆ ସନ୍ତାନ ପ୍ରାପ୍ତି ଏବଂ

ନିଜ ଜୀବନ ସାଥିମାନଙ୍କ ପାଇଁ ଉଭୟ ପୁରୁଷ ଓ ମହିଳାମାନଙ୍କୁ କରିବା ଉଚିତ୍ । ଯେତେବେଳେ ପୁରୁଷ ଓ ମହିଳା ପୁଣ୍ୟବନ୍ତ ଓ ସୁଜନ ସନ୍ତାନର ଇଚ୍ଛାରଖି ଦୁଆ କରିବେ, ସେତେବେଳେ ସେହିଠାରେ ହିଁ ସେମାନଙ୍କର କାର୍ଯ୍ୟ ଶେଷ ହୋଇଯାଇନଥାଏ ବରଂ ପିତାମାତା ଓ ସ୍ୱାମୀ ସ୍ତ୍ରୀ ନିଜ ନିଜ ସୀମା ମଧ୍ୟରେ ପ୍ରତିରକ୍ଷୀ ଓ ଇମାମ ଅଟନ୍ତି ଏବଂ ଏହି କର୍ତବ୍ୟ ସେତେବେଳେ ସମ୍ପାଦନ ହେବ ଯେତେବେଳେ ସେମାନେ ସ୍ୱୟଂ ଈଶ୍ୱର ଭୟ ରଖିବା ସହିତ ଦୁଆ କରିବେ ଏବଂ ନିଜ ଅମଲ ପ୍ରତି ମଧ୍ୟ ଦୃଷ୍ଟି ରଖିଥିବେ ।

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କହିଛନ୍ତି- ଲୋକମାନେ ସନ୍ତାନର ଅଭିଳାଷା ତ କରିଥାନ୍ତି କିନ୍ତୁ ଏଥିପାଇଁ ନୁହେଁ କି ସେମାନେ ଧର୍ମର ସେବା କରିବେ ବରଂ ଏଥିପାଇଁ କି ସଂସାରରେ ସେମାନଙ୍କର କେହି ଉତରାଧିକାରୀ ହେବେ ଏବଂ ଯେତେବେଳେ ସନ୍ତାନ ଜନ୍ମ ହୋଇଥାଏ, ସେମାନଙ୍କ ପ୍ରଶିକ୍ଷଣ ପ୍ରତି ଚିନ୍ତା ନଥାଏ, ନା ସେମାନଙ୍କ ଆସ୍ଥାର ସୁଧାର କରାଯାଇଥାଏ । ମନେରଖ (ପିଲାମାନଙ୍କୁ) ଧାର୍ମିକ ଜ୍ଞାନ ଦେବା ମଧ୍ୟ ଜରୁରୀ ଅଟେ । ଏପରି ନହୁଏ କି (ତୁମେ କୁହ) ବାହାର (କାର୍ଯ୍ୟରୁ) ସମୟ ମିଳିଲା ନାହିଁ ଏବଂ ସେମାନେ ସାଂସାରିକ ଶିକ୍ଷା ହାସଲ କରିବାରେ ବ୍ୟସ୍ତ ରହିଛନ୍ତି । ତେଣୁ ନା ନିଜେ (ଧାର୍ମିକ ଜ୍ଞାନ) ଶିଖିବା ପ୍ରତି ଧ୍ୟାନ ଦେଲେ ନା ପିଲାମାନଙ୍କ ପାଇଁ କୌଣସି ବ୍ୟବସ୍ଥା କଲେ । ଆପଣ କୁହନ୍ତି ଶିଷ୍ଟାଚାରରେ ସୁଧାର କରିବା ଆବଶ୍ୟକ ଅଟେ । ମନେରଖ ସେହି ବ୍ୟକ୍ତିର ବିଶ୍ୱାସ ସଠିକ୍ ହୋଇନଥାଏ, ଯେ ନିଜ ନିକଟବର୍ତୀ (ସମ୍ପର୍କୀୟଙ୍କ) କର୍ତବ୍ୟକୁ ବୁଝିନଥାଏ । ଯେତେବେଳେ ସେ ଏହି କର୍ତବ୍ୟ ସମ୍ପାଦନ କରିବାରେ ଅସମର୍ଥ ହୋଇଥାଏ ତେବେ ଅନ୍ୟାନ୍ୟ ପୁଣ୍ୟ କର୍ମ କରିବାର ତାଠାରୁ କିଭଳି ଆଶା କରାଯାଇପାରେ । ଅଲ୍ଲାଃତାଲା ପବିତ୍ର କୋରାନରେ ସନ୍ତାନ କାମନା କରିବା ଏଭଳି ଦର୍ଶାଯାଇଛି- **ରବ୍ବନା ହବ୍ ଲନା ମିନ୍ ଅଜ୍‌ୱାଜିନା ୱ ଜୁର୍‌ରିୟାତିନା କୁର୍‌ରତା ଆୟୁନିଉଁ ୱଜ୍ ଅଲ୍‌ନା ଲିଲ୍‌ମୁତ୍ତକିନା ଇମାମା ।**

ଅର୍ଥାତ ହେ ଆମ୍ଭର ପାଳନକର୍ତା ! ନିଜର ପତ୍ନୀ ଓ ସନ୍ତାନସନ୍ତତିଙ୍କ ତରଫରୁ ଆମ ଚକ୍ଷୁକୁ ଶୀତଳତା ପ୍ରଦାନ କର ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ସେମାନେ ଅତ୍ୟନ୍ତ ପାପମୟ ଜୀବନ ଅତିବାହିତ କରୁନଥିବେ ବରଂ **ଇବାଦୁର୍ ରହେମାନ**ର ଜୀବନ ଅତିବାହିତ କରୁଥିବେ ଏବଂ ଅଲ୍ଲାଃତାଲାଙ୍କୁ ସମସ୍ତଙ୍କ ଉପରେ ପ୍ରାଥମିକତା ଦେଉଥିବେ । ପୁଣି ଆଗକୁ ଆହୁରି ସ୍ପଷ୍ଟ କରିଦେଲେ **ୱଜ୍ ଅଲ୍‌ନା ଲିଲ୍‌ମୁତ୍ତକିନା ଇମାମା** ଅର୍ଥାତ ଯଦି ସନ୍ତାନ ପୁଣ୍ୟବନ୍ତ ଓ ସଚରିତ୍ର ହେବେ ତେବେ ଯେ ସେମାନଙ୍କ ଇମାମ ହେବେ । ଏପରି ଈଶ୍ୱର ଭୟ ପ୍ରାପ୍ତ ହେବାର ଦୁଆ ହୋଇଯାଇଥାଏ । ଅଲ୍ଲାଃତାଲା ଆମକୁ ଈଶ୍ୱର ଭୟ ମାର୍ଗରେ ପରିଚାଳିତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆଗକୁ ଆମ ସନ୍ତାନମାନଙ୍କୁ ମଧ୍ୟ ମୁତ୍ତକି ହେବାର ଦୁଆ ରହିଛି । ସୁତରାଂ ସନ୍ତାନ ପାଇଁ କେବଳ ଏହି ଇଚ୍ଛା ରଖିବା କି ସେମାନେ ଧର୍ମର ସେବକ ହୁଅନ୍ତୁ ଏବଂ ବିଶେଷକରି ୱକ୍‌ଫେ ନୌ ପିଲାମାନଙ୍କ ପିତାମାତାମାନଙ୍କୁ ବେଶ୍ ଅଧିକ ଧ୍ୟାନ ଦେବା ଆବଶ୍ୟକ କି ନିଜ ପିଲାମାନଙ୍କୁ ଧର୍ମ ପ୍ରତି ଆକର୍ଷିତ କରିବା ।

ପୁଣି ହଜୁର ଆ.ସ କୁହନ୍ତି ମୁଁ ଦେଖୁଅଛି ଲୋକମାନେ ଯାହା କିଛି କରୁଛନ୍ତି ତାହା କେବଳ ସଂସାର ପ୍ରାପ୍ତି ନିମନ୍ତେ କରୁଛନ୍ତି । ସେମାନେ ପ୍ରେମ ସଂସାର ପାଇଁ କରିଥାନ୍ତି ଅଲ୍ଲାଃଙ୍କ ପାଇଁ ନୁହେଁ । ଯଦି ସନ୍ତାନ କାମନା କର ତେବେ ଏହି ନିୟତରେ ସହ କର କି **ୱଜ୍ ଅଲ୍‌ନା ଲିଲ୍‌ମୁତ୍ତକିନା ଇମାମା** ଏହା ଉପରେ ନଜର ରଖି (କାମନା) କର କି ଏପରି ସନ୍ତାନ ହେଉ ଯେ ଇସଲାମର କଲମାକୁ ଉଚ୍ଚା କରିବାର ମାଧ୍ୟମ ସାଜିବ । ଯେତେବେଳେ ଏପରି ପବିତ୍ର ଭାବନା ରଖିବ ସେତେବେଳେ ଅଲ୍ଲାଃ ଯେ କି ସର୍ବଶକ୍ତିମାନ ଅଟନ୍ତି, ହ. ଜକରିୟା ପରି ସନ୍ତାନ ପ୍ରଦାନ କରିଦେବେ କିନ୍ତୁ ମୁଁ ଦେଖୁ ଅଛି କି ଲୋକମାନଙ୍କ ଦୃଷ୍ଟି ଏଥିରୁ ଆଗକୁ ଯାଉ ନାହିଁ କି ଆମର ବଗିଚା ଅଛି, ଦେଶ ଅଛି ଏବଂ ଏହାର କେହି ଉତରାଧିକାରୀ ହେଉ, କୌଣସି ସମ୍ପର୍କୀୟ ଏସବୁ ନନେଇଯାଉ । କିନ୍ତୁ ସେମାନେ ଏତିକି ଚିନ୍ତା କରୁନାହାନ୍ତି କି ତୋର ଦୁର୍ଭାଗ୍ୟ ଯେତେବେଳେ ମୃତ୍ୟୁ ବରଣ କରିବୁ ସେତେବେଳେ ତୋ ପାଇଁ ଆପଣା, ପର, ବନ୍ଧୁ, ଶତ୍ରୁ ସମସ୍ତେ ସମାନ । ତେବେ ସେ ଯାହା ହେଉ ମୁଁ ପ୍ରଥମେ ମଧ୍ୟ କହିଥିଲି ୱକ୍‌ଫେ ନୌ ପିଲାମାନଙ୍କ ପିତାମାତାଙ୍କୁ ବିଶେଷ ଭାବରେ ନିଜ ସନ୍ତାନମାନଙ୍କ ତରବିୟତ୍ ପ୍ରତି ଧ୍ୟାନ ଦେବା ସହିତ ସେମାନଙ୍କ ପାଇଁ ଦୁଆ କରିବା ଉଚିତ୍ । ଯେପରି ବଡ଼ ହୋଇ ସେମାନେ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବେ । ଏପରି ନହୁଏ କି କେବଳ ୱକ୍‌ଫେ ନୌର ଟାଇଟେଲ୍ ଲଗାଇଦେଇ କହିବା କି ଆମେ ନିଜର କର୍ତବ୍ୟ ସମ୍ପାଦନ କରୁଅଛୁ । ବରଂ ସେମାନେ ପ୍ରଥମେ ଜମାଅତକୁ ପଚାରିବା ଉଚିତ୍ କି ଜମାଅତକୁ ଆମର ଆବଶ୍ୟକତା ଅଛି ନା ନାହିଁ । ଯଦି ଜମାଅତ ଅନୁମତି ପ୍ରଦାନ କରେ ତେବେ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବେ ନଚେତ୍ ନିଷ୍ଠାର ସହିତ ନିଜ ପ୍ରତିଶୃତି ପୂରଣ କରିବା ପାଇଁ ନିଜକୁ ଅର୍ପଣ କରିଦେବା ଉଚିତ୍ ।

ଅତଃ ସନ୍ତାନ ପ୍ରାପ୍ତି ନିମନ୍ତେ ଦୁଆ ଓ ଇଚ୍ଛା ଏହି ଭାବନାର ସହିତ ହେବା ଉଚିତ୍ କି ଏପରି ସନ୍ତାନ ଲାଭ ହୁଅନ୍ତୁ ଯେ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେଉଥିବେ । ଯେ ପିତାମାତା ଓ କୁଟୁମ୍ବର ସମ୍ମାନ ରକ୍ଷାକାରୀ ସାବ୍ୟସ୍ତ ହେବେ । ନିଜ ଦଦା ପରଦଦାଙ୍କ ନାମ ଓ ଆଦରକୁ ପ୍ରତିଷ୍ଠିତ ରଖିବେ । ଅନେକ ଏପରି ପରିବାର ଅଛନ୍ତି ଯାହାଙ୍କ ବାପ ଦଦା ହଜରତ ମସିହ ମଉଦ ଆ.ସଙ୍କ ସାହାବା ଥିଲେ । ତେବେ କେବଳ ସେମାନଙ୍କର ସନ୍ତାନ ହେବା ଯଥେଷ୍ଟ ନୁହେଁ, ଯେପରି ଲୋକେ ବେଶ୍ ଗର୍ବର ସହିତ କହିଥାନ୍ତି । ଏହା ଖୁବ୍ ଭଲ କଥା କିନ୍ତୁ ଗର୍ବ ସେତେବେଳେ କରିବା ଉଚିତ୍ ଯେତେବେଳେ ସେମାନଙ୍କ ପୁଣ୍ୟକର୍ମକୁ ବଜାୟ ରଖିଥିବ । ଯେତେବେଳେ ପିତାମାତା ଏହି ଦୁଆ ମାଗିବେ ସେତେବେଳେ ନିଜ ଉପରେ ମଧ୍ୟ ନଜର ରଖିବା ଉଚିତ୍ ଯେ ଆମେ ନିଜ ବାପ ଦଦାଙ୍କ ନାମକୁ ସେତେବେଳେ ଜୀବିତ ରଖିପାରିବା ଯେତେବେଳେ ଆମେ ନିଜ ଅମଲ ପ୍ରତି ଦୃଷ୍ଟି ରଖିଥିବା ।

ସୁତରାଂ ପ୍ରତ୍ୟେକ ନିଜର ନିରୀକ୍ଷଣ କରିବା ସହିତ ଅନ୍ତିମ ସମୟ ପର୍ଯ୍ୟନ୍ତ ନିରନ୍ତର ନିଜ ସନ୍ତାନମାନଙ୍କର ଉତମ ସ୍ୱଭାବ ଓ ସଚରିତ୍ର ହେବା ନିମନ୍ତେ ଦୁଆ କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ କୁହନ୍ତି ଅଲ୍ଲାଃଙ୍କ ସାହାଯ୍ୟ ସେହିମାନଙ୍କ ସାଥିରେ ଥାଏ, ଯେ ସର୍ବଦା ପୁଣ୍ୟକର୍ମରେ ଆଗକୁ ବଢ଼ିଚାଲିଥାନ୍ତି । **ଆପଣ କୁହନ୍ତି ସେମାନେ ଗୋଟିଏ ସ୍ଥାନରେ ରହିଯାଇନଥାନ୍ତି ଏବଂ ସେମାନଙ୍କ ପରିଣାମ ମଧ୍ୟ ମଙ୍ଗଳମୟ ହୋଇଥାଏ । ଆପଣ କୁହନ୍ତି ନିଜ ପାଇଁ ତଥା ନିଜ ସ୍ତ୍ରୀ ପିଲାଙ୍କ ପାଇଁ ନିରନ୍ତର ଦୁଆ କରିବା ଉଚିତ୍ ।** ଆପଣ ଆହୁରି କୁହନ୍ତି ସେହି କାମ କର ଯାହାକି ତୁମ ପିଲାମାନେ ଅନୁଶରଣ ଯୋଗ୍ୟ ମନେକରୁଥିବେ ଏବଂ ସେଥିରୁ ଶିକ୍ଷା ହାସଲ କରୁଥିବେ, ଏହା ପିତାମାତାଙ୍କର କର୍ତବ୍ୟ । ଏଥିନିମନ୍ତେ ଜରୁରୀ ଅଟେ କି ସର୍ବ ପ୍ରଥମେ ଗୁରୁଜନମାନେ ନିଜର ସଂଶୋଧନ କରିବା ଉଚିତ୍ । ଯଦି ତୁମେ ଉତମ ସ୍ତରର ଈଶ୍ୱର ଭୟ ଓ ସୁଜନ ପାଲଟିଯାଅ ଏବଂ ଅଲ୍ଲାଃତାଲାଙ୍କୁ ରାଜି କରିନିଅ ତେବେ ନିଶ୍ଚିନ୍ତ ହୋଇଯାଅ ଯେ ସେ ତୁମ ସନ୍ତାନମାନଙ୍କ ସହିତ ମଧ୍ୟ ଉତମ ଆଚରଣ କରିବେ । ପବିତ୍ର କୋରାନରେ ଖିଜର୍ ଓ ହ. ମୁସା ଆ.ସଙ୍କ କାହାଣୀ ଦରଜ ଅଛି କି ସେମାନେ ମିଶି ଗୋଟିଏ କାନ୍ଥ ନିର୍ମାଣ କଲେ ଯାହାକି ଅନାଥ ଶିଶୁମାନଙ୍କର ଥିଲା । ସେଠାରେ ଅଲ୍ଲାଃ କହିଲେ- **ୱ କାନା ଅବୁହୁମା ସାଲିହନ୍** ଅର୍ଥାତ ସେମାନଙ୍କ ପିତା ସୁଜନ ପୁରୁଷ ଥିଲା । ସେଠାରେ ଏହା ଦର୍ଶାଯାଇ ନାହିଁ କି ସେହି ପିଲାମାନେ କିଭଳି ଥିଲେ ବରଂ ପିତାମାତାଙ୍କର ଚର୍ଚ୍ଚା ଉଲ୍ଲେଖ ରହିଛି । ଆପଣ କୁହନ୍ତି ଏହି ଉଦ୍ଦେଶ୍ୟ ହାସଲ କରିବାକୁ ଚେଷ୍ଟା କର । ସର୍ବଦା ପୁଣ୍ୟବନ୍ତ ସନ୍ତାନର କାମନା କର ତେବେ ଅଲ୍ଲାଃତାଲା ସନ୍ତାନ ଦେବା ସହିତ ସେମାନଙ୍କ ସଫଳ ହେବା ତଥା ରୋଜଗାରର ବ୍ୟବସ୍ଥା ମଧ୍ୟ କରିଦେଇଥାନ୍ତି ।

ସୁତରାଂ ଏହା ସେହି ମୂଳ ନିୟମ ଯାହା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଆମ୍ଭର ବାରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି ଏବଂ ଏହା ପବିତ୍ର କୋରାନ ଶିକ୍ଷାର ହିଁ ବ୍ୟାଖ୍ୟା ଅଟେ କି ପିତାମାତାଙ୍କ ନମୁନା ହିଁ ପିଲାମାନଙ୍କ ପ୍ରଶିକ୍ଷଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ପିଲାମାନଙ୍କ ପାଇଁ ସୁନ୍ଦର ନମୁନା ପ୍ରଦର୍ଶନ କରିବା ସହିତ ଧର୍ମକୁ ପ୍ରାଥମିକତା ଦେବାର ପ୍ରତିଶୃତିକୁ ପୂରଣ କରୁ । ଯେପରି କିଛି ଲୋକଙ୍କର ବଦ ଅଭ୍ୟାସ ଥାଏ କି ଅନ୍ୟମାନଙ୍କୁ ଦେଖିଥାନ୍ତି କି ସେ କିପରି ଅଟେ, ଏହା ଦେଖିବା ପରିବର୍ତେ ନିଜର ସୁଧାର ପ୍ରତି ଧ୍ୟାନ ଦିଅନ୍ତୁ । ତେବେଯାଇ ଆମେ ଭବିଷ୍ୟତ ପାଇଁ ଏକ ଉତମ ପିଢୀ ପ୍ରଦାନ କରିପାରିବା ଯେ (ହୃଦୟରେ) ଈଶ୍ୱର ଭୟ ରଖୁଥିବେ । ନିଜ ସନ୍ତାନମାନଙ୍କ ପାଇଁ ନିରନ୍ତର ଦୁଆ କର ଯଦ୍ଦ୍ୱାରା ଆମ ସନ୍ତାନମାନେ ଚିରକାଳ ପାଇଁ ଆମ ଚକ୍ଷୁକୁ ଶୀତଳତା ପ୍ରଦାନ କରିଚାଲିଥିବେ ଏବଂ ଏହି ପକ୍ରିୟା ଅବ୍ୟାହତ ରହିଥିବ ।

ⵘⵘⵘⵘⵘⵘⵘⵘⵘⵘⵘⵘ

*ପୃଷ୍ଠା-୧୬ ର ଅବଶିଷ୍ଟାଂଶ.......*

ସ୍ଥାନରେ ସତ କହିବାକୁ ପଡ଼ିବ । ଏବଂ ହିକ୍‌ମତ୍‌ର ସହିତ କାର୍ଯ୍ୟ କରିବାକୁ ହେବ ।

ହଜୁର୍ ଅନୁଓ୍ୱର୍ କହିଲେ: ଯେ ଆପଣମାନେ ପ୍ରଥମେ ନିଜର ତରବିୟତ୍ କରିବେ ତେବେ ଯାଇ ତବ୍‌ଲିଗ୍‌ର ରାସ୍ତା ଖୋଲିବ । ଅଲ୍ଲାଃତାଲା ଆମ ଦୋଷ ଦୁର୍ବଳତାକୁ ଢ଼ାଙ୍କି ରଖିଛନ୍ତି । ସେଥିଯୋଗୁଁ ଲୋକମାନେ ଭାବୁଛନ୍ତି ଯେ ଆମେ ବହୁତ ଚରିତ୍ରବାନ ଅଟୁ ଓ ଆମ କାର୍ଯ୍ୟ ବହୁତ ଉତମ ଅଟେ । ବହୁତ ସୁ ସଂଘଠିତ ଲୋକ ଏବଂ ଗୋଟିଏ ସଂଗଠନ ଅଟି । କିନ୍ତୁ ଆମ ଭିତରେ ବହୁତ ଦୁର୍ବଳତା ରହିଛି, ତା ପ୍ରତି ଆମକୁ ଧ୍ୟାନ ଦେବାକୁ ହେବ । ଏହା ବହୁତ ଭଲକଥା ଯେ ଯଦି କେଉଁଠି କିଛି ବିରୁଦ୍ଧାଭାଷ ଅଛି ବା ଲୋକମାନେ ମୁରବୀଙ୍କ ସମ୍ମାନ କରୁନାହାଁନ୍ତି, ଏ ବିଷୟରେ ଲୋକମାନେ ଅବଗତ ନାହାଁନ୍ତି । କିନ୍ତୁ ଯଦି କେବେ ଏହା ସ୍ପଷ୍ଟ ହେବ ତେବେ ଆପଣମାନଙ୍କର ସବୁ ସୁପ୍ରଭାବ ଯାହା ଆପଣମାନେ ଲୋକଙ୍କ ମଧ୍ୟରେ ଛାଡ଼ିଛନ୍ତି, ନଷ୍ଟ ହୋଇଯିବ । ତେଣୁ ଅମୀର୍ ସାହେବ ଓ ମୋବଲିଗ୍ ଇନ୍‌ଚାର୍ଯ ମଧ୍ୟ ଏ କାର୍ଯ୍ୟ ଅଟେ ଯେ ଯମାତର୍ ଓ ବିଶେଷରୂପେ ଓ୍ୱହ୍‌ଦାଦାରମାନଙ୍କର ତର୍‌ବିୟତ୍ କରି ମୁରବୀ ମାନଙ୍କର ସମ୍ମାନ ପ୍ରତିଷ୍ଠା କରାନ୍ତୁ । କିନ୍ତୁ ଯେପରି ମୁ କହିସାରିଛି ଯେ ମୁରବୀମାନେ ନିଜେ ନିଜର ଏପରି ଉଦାହରଣ ଦେଖାନ୍ତୁ ଯେ କାହାକୁ ଏ ସାହସ ହେବନାହିଁ ଯେ ସେ ଆପଣମାନଙ୍କ ଆଡ଼କୁ କୌଣସି ଭୁଲ୍‌କାର୍ଯ୍ୟ ଯୋଗୁଁ ଆଙ୍ଗୁଳି ଦେଖାଇବେ ବା ଆପଣମାନଙ୍କୁ ତୁ ତା କରିବାର ସାହସ କରିବେ । ମୁଁ ଦେଖିଛି ଯେ କିଛି ଲୋକ ମୁରବୀମାନଙ୍କର ଅସାଧାରଣ ସମ୍ମାନ କରନ୍ତି । ଅର୍ଥାତ୍ ବହୁତ ସମ୍ମାନ କରନ୍ତି । କିନ୍ତୁ କେତେ ଲୋକ ଏପରି ଅଛନ୍ତି ଯେଉଁମାନେ ମୁରବୀମାନଙ୍କ ନାମକୁ ଏପରି ଧରିଥାନ୍ତି ସେପରି ନାମ କୌଣସି ଛୋଟ ପିଲାର ମଧ୍ୟ ନିଆହୁଏ ନାହିଁ । ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଯମାତ୍‌ର ଓ୍ୱହ୍‌ଦାଦାରମାନଙ୍କ ତର୍‌ବିୟତ କରନ୍ତୁ, ଯେଉଁ ଓ୍ୱହ୍‌ଦାଦାର୍‌ମାନେ କଥା ମାନୁନାହାଁନ୍ତି ତାଙ୍କ ରିପୋର୍ଟ ହେବା ଉଚିତ୍ । ଯଦି ଆପଣ ନିଜେ ନିଜ ମୁରବୀମାନଙ୍କର ସମ୍ମାନ କରିବେ ନାହିଁ ତେବେ ଓ୍ୱହ୍‌ଦାଦାର୍‌ମାନେ କିପରି କରିବେ? ଏ ବାବଦରେ ମୁରବୀମାନଙ୍କଠାରୁ ରିପୋର୍ଟ ନିଅନ୍ତୁ ଯେ ସେମାନଙ୍କ ଯମାତ୍‌ରେ ତାଙ୍କ ସହିତ କିପରି ବ୍ୟବହାର କରାଯାଉଛି । ସେ ମର୍କଜି ଓ୍ୱହ୍‌ଦାଦାର୍ ହୁଅନ୍ତୁ ବା ଜାତୀୟ ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ବା ସ୍ଥାନୀୟ ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି ଆପଣ ବିନା ଡ଼ରରେ ସବୁ କଥା ଜଣାନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ, ମୁରବୀମାନେ ପାରୁପର୍ଯ୍ୟନ୍ତ ଆଜ୍ଞାନୁବର୍ତୀ ହେବେ । ତାଙ୍କର କେହି ସମ୍ମାନ କରନ୍ତୁ ବା ନ କରନ୍ତୁ । ଯଦି ତାଙ୍କଠାରୁ କୌଣସି ବଡ଼ ଓ୍ୱହ୍‌ଦାଦାର୍ ବା ଯମାତ୍‌ର ସଦର୍ ବା ଅମୀର୍ ଅଛନ୍ତି, ତାଙ୍କର ସମ୍ମାନ କରନ୍ତୁ । କିନ୍ତୁ ତତ୍ ସହିତ ଯଦି ଆପଣଙ୍କୁ ମିଶ୍‌ନାରୀ ଇନ୍‌ଚାର୍ଜ ଓ ଅମୀର୍ ଯମାତ୍‌ଙ୍କୁ ଏତେଲା ଦେବା ସତ୍ୱେ ମଧ୍ୟ ଆଉ କୌଣସି ଅଭିଯୋଗ ଅଛି ତେବେ ମତେ ଲେଖନ୍ତୁ । ଯାହା ମୁଁ ପୂର୍ବରୁ କହିସାରିଛି ଦ୍ୱିତୀୟଥର, ଦ୍ୱିତୀୟଥର, ଦ୍ୱିତୀୟଥର କହୁଅଛି ଯେ ଆପଣମାନେ ପ୍ରଥମେ ନିଜର ଇସ୍‌ଲାହ୍ କରନ୍ତୁ । ନିଜ କାନି ସଫା ରଖିଥିବ ଏହାପରେ ଯଦି କେଉଁ ଆପଣମାନଙ୍କ ଆଡ଼କୁ ଆଙ୍ଗୁଳି ଉଠାଇବ ତେବେ ଯାଇ ଆମେ ତାର ହିସାବ ନେଇପାରିବା ।

ହଜୁର୍ ଅନୁଓ୍ୱର୍ କହିଲେ: ଯୁବ ମୁରବୀମାନଙ୍କୁ ସର୍ବଦା ମୁଁ କହିଚାଲିଛି ଯେ ସେମାନେ ତହଯୁଦ୍ ନମାଜ୍‌ର ଅଭ୍ୟାସ କରନ୍ତୁ ବୋଲି । ଜଣାନାହିଁ ଏହା ଉପରେ ଅମଳ ହେଉଛି କି ନାହିଁ? ଅନେକ ସମୟ ଏପରି ହେଉଛି ଯେ ଯଦି ରାତି ଛୋଟ ତେବେ ବହୁତ କଷ୍ଟରେ ଫଜର୍ ନମାଜ୍ ପାଇଁ ଉଠୁଛନ୍ତି । କେତେ ମଧ୍ୟ ଛୋଟରାତି ହେଉ ଅତି କମ୍‌ରେ ଦେଢ଼ ଘଂଟା ଶୋଇବା ପାଇଁ ମିଳିଯାଉଛି । ଯଦି ସଂକଳ୍ପ ନେବେ ତେବେ ଏତିକି ସମୟରେ ମଧ୍ୟ ନିଦ ପୁରା ହୋଇଯିବ ।

ହଜୁର୍ କହିଲେ- ମୁଁ ଥରେ ଓ୍ୱହାବ୍ ଆଦମ୍ ସାହେବଙ୍କୁ ଦେଖିଛି ସେ ରାତି ବାରଟାରେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଭଙ୍ଗା ରାସ୍ତାରେ ଦୌରା କରି ଫେରିଲେ । ସେଠାରେ ଗୋଟିଏ ଛୋଟ ଯାଗାରେ ଆମେ ଦୁଇଜଣଯାକ ଚାହିଁଥିଲୁ । ସେ ଆସିବା ପରେ ଶୋଇଗଲେ । ମୁଁ ରାତି ୧:୩୦ ରେ ଗାଧୁଆ ଘରକୁ ଗଲି । ସେତେବେଳେ ମୁଁ ତାଙ୍କୁ ମସ୍‌ଜିଦ୍ ଭିତରେ ନଫିଲ୍ ନମାଜ ପଢୁଥିବାର ଦେଖିଲି । ଆପଣମାନେ ଯଦି ଏପରି କରିବେ ତେବେ ଯମାତ୍‌କୁ ପ୍ରେରଣା ମିଳିବ । ଦୁଆ ବିନା ଏ ସବୁ କାର୍ଯ୍ୟ ହୋଇପାରିବ ନାହିଁ । ତେଣୁ ବିଶେଷ ରୂପେ ମୁରବୀମାନଙ୍କ ନିମନ୍ତେ ନଫିଲ୍ ପଢ଼ିବା ନିତ୍ୟାନ୍ତ ଆବଶ୍ୟକ । ନମାଜର ପାବନ୍ଦ ହେବା ଆବଶ୍ୟକ ଓ ବାଯମାତ୍ ନମାଜ ପାଠର ପାବନ୍ଦ ହେବା ଜରୁରୀ ଅଟେ । କିଏ ମସ୍‌ଜିଦ୍ ଆସୁ ବା ନ ଆସୁ ଆପଣମାନେ ଯେତେବେଳେ ମସ୍‌ଜିଦ୍ ଓ ସେଂଟର୍‌କୁ ଆସିବେ ତେବେ ଲୋକମାନଙ୍କୁ ଅନୁଭବ ହେବ ଓ ସେମାନେ ଜାଣିପାରିବେ ଓ ମନକୁ ମନ ଆସିବେ ।

ହଜୁର୍ ଅ:ବ:ଅ କହିଲେ: ମୁଁ ୟୁ.କେ. ରେ ଖୁତ୍‌ବା ପରେ କିଛି ଯମାତ୍ ସହିତ ମିଟିଂ କଲି ଯେ ନମାଜ ପଢ଼ିବା ପାଇଁ ଧ୍ୟାନ ଦିଅନ୍ତୁ । ଜଣେ ଯମାତ୍‌ର ସେକ୍ରେଟାରୀ ତର୍‌ବିୟତ୍ ଓ ସଦର୍ ସାହେବ କହୁଥିଲେ ଯେ ଆମ ଉପସ୍ଥାପନ ବଢ଼ିଗଲାଣି । ଯେବେ ମୁଁ ଅବଲୋକନ କଲି ଯେ କେତେ ବଢ଼ିଲେଣି, କହିଲେ ୩୩% ହାଜିରି ହୋଇଗଲାଣି । ୩୪% ହୋଇଗଲାଣି ବୋଲି । ଏହା କିଛି ହାଜିରି ନୁହେଁ । ଆଖପାଖରେ ରହୁଥିବା ଲୋକମାନେ ଫଜର୍ ଓ ଇଶା ନମାଜରେ ଭଲ ହାଜିରି ହେବା କଥା । ଦୂରରେ ରହୁଥିବା ଲୋକଙ୍କୁ ତ ବାହାନା କରିବାକୁ ଅବସର ଅଛି । ଏହି ଯମାତ ଗୁଡ଼ିକରେ ମଧ୍ୟ ବା ଯମାତ୍ ଓ ନିଜ ନିଜ ଘରେ ନିଜେ ନମାଜ ପଢ଼ିବା ପାଁ ଚେଷ୍ଟା କରନ୍ତୁ । ଯଦି ସେଂଟର୍ ଦୂର ଅଛି ବା କାମରୁ ଆସି ହାଲିଆ ହୋଇଯାଉଛନ୍ତି ସେଥିଯୋଗୁଁ ସେଂଟର୍ ଆସିପାରୁନାହାଁନ୍ତି ତେବେ ଫିଲ୍‌ଡ଼୍‌ରେ କାମ କରୁଥିବା ମୁରବୀମାନେ କେବଳ ଖୁତ୍‌ବା ଦେଇଦେଲେ ବା ଲୋକେ ଖୁତ୍‌ବା ଶୁଣିନେଲେ ହେବ ନାହିଁ, ସେମାନଙ୍କ ନିରୀକ୍ଷଣ ହେବା ଆବଶ୍ୟକ । ସେମାନଙ୍କର ନିରୀକ୍ଷଣ ସେତେବେଳେ ହେବ ଯେତେବେଳେ ନିଜର ନିରୀକ୍ଷଣ ହେଉଥିବ ।

ହଜୁର୍ ଅ:ବ:ଅ କହିଲେ: ଯାମିଆର ଶିକ୍ଷକମାନଙ୍କ ଠାରୁ ଯଦି କୌଣସି କାମ ନେବାକୁ ଚାହଁ ତେବେ ଯାମିଆ ମାଧ୍ୟମରେ ନିଅ । ଛୁଟି ହେବା ପୂର୍ବରୁ ପ୍ଲାନ୍ ତିଆରି କରି ପଠାନ୍ତୁ ।

ହଜୁର୍ ଅ:ବ:ଅ କହିଲେ : ସାଧାରଣ ଲୋକଙ୍କ ସହିତ ମିଶିବାବେଳେ ଆପଣଙ୍କ ବ୍ୟବହାର ଉତମ ହେବା ଆବଶ୍ୟକ । ତବ୍‌ଲିଗ୍ ପାଇଁ ଲୋକସମ୍ପର୍କ ବଢ଼ାନ୍ତୁ । ଆପଣମାନଙ୍କ ସମାଜରେ ଯେଉଁ ରାଜନିତିଜ୍ଞ ଅଛନ୍ତି ବା ପୋଲିସ୍ ଅଛନ୍ତି ବା ଅନ୍ୟାନ୍ୟ ଧର୍ମର ଲୋକେ ଅଛନ୍ତି ସେମାନଙ୍କ ସହିତ ଆପଣଙ୍କ ସମ୍ପର୍କ ଗଭୀର ହେବା ଉଚିତ୍ । କିଛି ଯମାତ୍‌ରେ ସେକ୍ରେଟାରୀ ତବ୍‌ଲିଗ୍ ଅଭିଯୋଗ କରୁଛନ୍ତି ଯେ ମୁରବୀମାନେ ଆମକୁ ଠିକ୍‌ଭାବେ ସାହାଯ୍ୟ କରୁନାହାଁନ୍ତି । ତେଣୁ ଯେଉଁଠି ଯମାତି ପ୍ରୋଗ୍ରାମ୍ ହେଉଛି ସେଠାରେ ଆପଣମାନେ ପୁରା ସମୟ ଦିଅନ୍ତୁ । ଏହାପରେ ହଜୁର୍ ଅନୁଓ୍ୱର୍ ମୁରବୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ମୌକା ଦେଲେ । ଜଣେ ମୁରବୀ ପ୍ରଶ୍ନ କଲେ ଯେ କିଛି ବଡ଼ଲୋକଙ୍କ ବିରୋଧରେ ଯଦି କୌଣସି ଯମାତି ପଦକ୍ଷେପ ନିଆଯାଉଛି ଯେଉଁଠି ସେ ନିଜେ ପଛକୁ ଫେରି ଯାଉଛନ୍ତି ସେଠି ନିଜର ପିଲାମାନଙ୍କୁ ମଧ୍ୟ ସାଙ୍ଗରେ ନେଇଯାଉଛନ୍ତି ଓ ସେମାନଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ ବୁଝି ନାହାଁନ୍ତି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅ:ବ:ଅ କହିଲେ ଯଦି କୌଣସି ମେମ୍ବର୍ ଭୁଲ୍ ବା ଖରାପ୍ କାମ କରୁଛି ତେବେ ତା ବିରୋଧରେ ଯମାତି ପଦକ୍ଷେପ ଏଥିପାଇଁ ନିଆଯାଉଛି ଯେ ତାଙ୍କର ସୁଧାର ହୋଇଯାଉ । ତେଣୁ ଯଦି ସୁଧାର ନହୋଇ ସେମାନେ ବିଦ୍ରୋହୀ ହେଉଛନ୍ତି ତେବେ ସେମାନଙ୍କ ପାଇଁ ଆପଣ ପ୍ରାର୍ଥନା କରିପାରିବେ । ସେମାନଙ୍କୁ ବୁଝାଓ । ଆପଣମାନଙ୍କ କାମ ହେଉଛି ଦୃଢ଼ ଓ ସ୍ଥିର ଚିତରେ ବୁଝାଇବା । ନା

ନିରାଶ ହେବାର ଆବଶ୍ୟକ ନା ଥକି ଯିବାର ଆବଶ୍ୟକ । ବରଂ କାମରେ ଲାଗିରୁହନ୍ତୁ । ଏହାଦ୍ୱାରା ୯୯% ଲୋକେ ସୁଧୁରି ଯାଆନ୍ତି । ବରଂ ଏହାଠୁ ଅଧିକା ଲୋକ ମଧ୍ୟ ସୁଧୁରିଯାଆନ୍ତି । ଯଦି ଜଣେ ଅଧେ ଲୋକର ସୁଧାର ହେଉନାହିଁ ତେବେ ଚିନ୍ତାର ଆବଶ୍ୟକ ନାହିଁ । ତାଙ୍କ ପିଲାମାନଙ୍କ ସହିତ ସମ୍ପର୍କ ରଖନ୍ତୁ ।

ହଜୁର୍ ଅ:ବ:ଅ କହିଲେ-ମୁଁ ୟୁ.କେ ରେ ଯୁବକ ମୁରବୀମାନଙ୍କୁ ପ୍ରତ୍ୟେକ୍ଷରେ ଆଦେଶ ଦେଇ ଦେଖିଛି ଯେ ଯେଉଁମାନେ ଏହିପରି ବିଗିଡ଼ି ଯାଇଥିଲେ ସେମାନଙ୍କର ସନ୍ତାନ ମାନଙ୍କ ସହିତ ସମ୍ପର୍କ ରଖାଗଲା । ଫଳତଃ ଯେଉଁଠି ଧୀରେ ଧୀରେ ସନ୍ତାନମାନେ ସୁଧୁରିଗଲେ ସେଠି ମା' ବାପାମାନେ ମଧ୍ୟ ସୁଧୁରିଗଲେ ।.... ସେଠାରେ ଯୁବକମାନଙ୍କୁ ଓ୍ୱହ୍‌ଦାଦାର୍‌ମାନଙ୍କ ପ୍ରତି ଅଭିଯୋଗ ରହିଛି । ଯଦିଚ ସେମାନେ ଅଧିକା ଖରାପ ଅଟନ୍ତି । ଫଳତଃ ସେମାନେ ନିଜେ ପଛକୁ ଚାଲିଯାଉଛନ୍ତି ଏବଂ ଧିରେ ଧିରେ ବହୁତ ଦୂରେଇ ଯାଉଛନ୍ତି । ମୁଁ ଯେତେବେଳେ ମୁରବୀମାନଙ୍କୁ କହିଲି ଯେ ସେମାନଙ୍କ ସହିତ ସମ୍ପର୍କ ରଖ ସେମାନେ ସମ୍ପର୍କ ରଖିଲେ । ଫଳତଃ ଧିରେ ଧିରେ ଠିକ୍ ହୋଇଗଲେ । କାନାଡ଼ାର ଗୋଟିଏ ଫ୍ୟାମିଲି ଥିଲା ଯିଏ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଇଥିଲା । ଏବେ ସମ୍ପର୍କ ରଖିବା ପରେ ସେମାନେ ଆକ୍‌ଟିଭ୍ ହୋଇଯାଇଛନ୍ତି ଏବଂ ମସ୍‌ଜିଦ୍ ଆସୁଛନ୍ତି ।.......

ଖୁତ୍‌ବା ଯୁମା ଶୁଣିବା ସମ୍ପର୍କରେ ହଜୁର୍ ଅନୁଓ୍ୱର୍ ମୋବୋଲିଗ୍ ଇନ୍‌ଚାର୍ଜଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣଙ୍କ ନିକଟକୁ ମୁରବୀ ଓ ସେକ୍ରେଟାରୀ ତରବିୟତଙ୍କ ରିପୋର୍ଟ ଆସିବା ଉଚିତ୍ ଯେ ଖୁତ୍‌ବା ଯୁମା ସିଧାପ୍ରସାରଣ ମସ୍‌ଜିଦ୍‌ରେ କେତେଜଣ ଲୋକ ଦେଖୁଛନ୍ତି ?....ଜର୍ମାନୀର ଅଲ୍ଲାହ୍‌ଙ୍କ କୃପାରୁ ବହୁତ ଲୋକ ଖୁତ୍‌ବା ଜୁମା ଶୁଣୁଛନ୍ତି । ଆପଣଙ୍କ କାର୍ଯ୍ୟ ହେଉଛି ଫିଡ୍‌ବ୍ୟାକ୍ ନେବା, ଧ୍ୟାନ ଆକର୍ଷଣ କରାଇବା ।

ଜଣେ ମୁରବୀ ପଚାରିଲେ ଯେ ଏପରି ଇଲାକା ଅଛି ଯେଉଁଠି କେବଳ ଯମାତ୍ ଅହେମଦୀୟାର ମସ୍‌ଜିଦ୍ ଅଛି । ସେଠି ଅଣଅହେମଦୀମାନେ ପଚାରୁଛନ୍ତି ଯେ ଆମେ କଣ ଆପଣଙ୍କ ମସ୍‌ଜିଦ୍‌ରେ ଏତେକାଫ୍ ବସିପାରିବୁ ? ଉତ୍ତରରେ ହଜୁର୍ ଅ:ବ:ଅ କହିଲେ ସେମାନଙ୍କୁ କହିଦିଅ ଆମ ମସ୍‌ଜିଦ୍ ତ ପ୍ରଥମରୁ ବହୁତ ଛୋଟ । କେବଳ ଦୁଇ ଚାରି ଜଣ ଲୋକ ଏତେକାଫ୍ ବସିପାରିବେ । ଦ୍ୱିତିୟତଃ ଆମର କିଛି କାଇଦା କାନୁନ୍ ଅଛି । ଆପଣ ତାଙ୍କୁ ମାନିବେ ବା ନାହିଁ? ତେଣୁ ପ୍ରଥମେ ଆମେ ଆମ ଯମାତ୍‌ର ଲୋକମାନଙ୍କୁ ଅଗ୍ରାଧିକାର ଦେବୁ । ସେମାନଙ୍କ ସହିତ ଖୋଲିକରି କଥା ହୁଅ, ତାପରେ ଦେଖ ଯଦି ସେମାନେ ଆମ କାଇଦା କାନୁନ୍‌କୁ ମାନିବେ ତେବେ ଆମେ ଜଣାଇବୁ ।

ହଜୁର୍ ଅନୁଓ୍ୱର୍ କହିଲେ- ମୁଁ ଯେତେବେଳେ ଜେଲ୍ ଯାଇଥିଲି ସେଠାରେ ଜଣେ କଏଦୀ ମୋ ସହିତ ଥିଲେ । ସେ ମୋତେ କିସା କାହାଣୀ ଶୁଣାଇଲେ । ମୁଁ ତାଙ୍କୁ ପଚାରିଲି ତୁମେ ଜେଲ୍ କାହିଁକି ଆସିଛ । ସେ କହିଲେ ମୁଁ ହତ୍ୟା କରିଥିଲି । ମୁଁ ପଚାରିଲି କିପରି ହତ୍ୟା କରିଥିଲ । ସେ କହିଲେ ମୁଁ ରମ୍‌ଜାନ୍ ମାସରେ ଏତେକାଫ୍ ବସିଥିଲି । ହତ୍ୟା ହୋଇଗଲା । ମୁଁ ପଚାରିଲି ଏତେକାଫ୍ ସମୟରେ କିପରି ହତ୍ୟା ? ସେ କହିଲା ଯେହେତୁ ଆମମାନଙ୍କ ଭିତରେ ଶତୃତା ଥିଲା । ତେଣୁ ମୁଁ ଗୋଟିଏ ବନ୍ଧୁକ ପାଖରେ ରଖିଥିଲି । ଯଦିଚ ବନ୍ଧୁକ ରଖିବା ମସ୍‌ଜିଦ୍‌ରେ ଅନୁମତି ନାହିଁ । ସେ କହିଲା ଯେ ମୋ ଶତୃ ବାହାରକୁ ଆସିଲା, ମୁଁ ଭାବିଲି ଯେ ସେ ମୋତେ ଆକ୍ରମଣ କରିବ । ତେଣୁ ତା ଆକ୍ରମଣ ପୂର୍ବରୁ ବନ୍ଧୁକ ଚଳେଇଦେଲି । ହଜୁର୍ କହୁଛନ୍ତି-ଏହିପରି ଏତେକାଫ୍ ବସିବା ବ୍ୟକ୍ତି ଆମର ଦରକାର ନାହିଁ ।

ଜଣେ ମୁରବୀ ପଚାରିଲେ- ଯେତେବେଳେ ଯମାତ୍‌ର ଲୋକମାନେ ନିଜର ଭେଦ ଭାଗ କରୁଛନ୍ତି ତେବେ କେଉଁ ପର୍ଯ୍ୟନ୍ତ ଆମେ ତାଙ୍କୁ ଘୋଡ଼ାଇ ରଖିବୁ ଏବଂ କେବେ ରିପୋର୍ଟ କରିବା ଜରୁରୀ ବୋଲି ଭାବିବୁ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ କହିଲେ- ଯଦି ସେମାନେ ଏପରି କୌଣସି ଭେଦକୁ ପ୍ରକାଶ କରୁଛନ୍ତି ଯାହା ତାଙ୍କର ନିଜର ଦେଶ ଦୁର୍ବଳତା ଅଟେ ସେତେବେଳେ ତାଙ୍କର ଏହି କଥାକୁ ଘୋଡ଼ାଇ ରଖାଓ । ଯଦି ସେହି ଦେଶ ଦୁର୍ବଳତା ବ୍ୟାପି ଚାଲିଛି ତେବେ ଯମାତ୍‌ରେ ଜାରି ହୋଇଯାଉଛି ତେବେ ତାଙ୍କୁ ବୁଝାଅ ? ଏବଂ ତାଙ୍କର ଇସ୍‌ଲାହ୍ କରାନ୍ତୁ । ପର୍ଦାପୋଶିର ଅର୍ଥ ହେଉଛି ଲୋକମାନଙ୍କ ମଧ୍ୟରେ ଯାଇ କଥା ନ କୁହନ୍ତୁ । ଏହାର ଅର୍ଥ ନୁହେଁ ଯେ ଯମାତି ଲାଭକୁ ନଷ୍ଟ କରିଦିଆଯାଉ । କୌଣସି ରୋଗ ଯଦି ତା ନିଜ ମଧ୍ୟରେ ସିମୀତ ଅଛି ତେବେ ତାକୁ ଭଲ କରିବା ପାଇଁ ଚେଷ୍ଟା କରିବା ଦରକାର୍ । କିନ୍ତୁ ଯଦି ସେହି ରୋଗ ଯମାତ୍ ଭିତରେ ବ୍ୟାପିବାକୁ ଲାଗେ ତେବେ ଆପଣମାନେ ଇସ୍‌ଲାହ୍ କରିବା ପାଇଁ ବହୁତ ଚେଷ୍ଟା କରନ୍ତୁ ।.....

ଜଣେ ମୁରବୀ ପ୍ରଶ୍ନ କଲେ ଯେ ବେଳେବେଳେ ଆମ ମସ୍‌ଜିଦ୍‌କୁ ଅଣଅହେମଦୀ ମୁସଲ୍‌ମାନ ଆସୁଛନ୍ତି ଏବଂ ନିବେଦନ କରୁଛନ୍ତି ଯେ ସେମାନଙ୍କର ଇସ୍‌ଲାମୀୟ ନିହାହ୍ କରାଇଦିଆଯାଉ । ଦେଶର ସରକାରୀ କାର୍ଯ୍ୟାଳୟ ଦ୍ୱାରା ତାଙ୍କର ନିକାହ୍ ହୋଇଯାଇଥାଏ । କେବଳ ବର୍‌କତ୍ ପାଇଁ ଇସ୍‌ଲାମୀୟ ଉପାୟରେ ଏଲାନ୍ ଓ ଦୁଆ କରାଇବାକୁ ଚାହାଁନ୍ତି । ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ କହିଲେ କିଛି ଅସୁବିଧା ନାହିଁ । ଯଦି ସେମାନେ ଆସୁଛନ୍ତି ତା ହେଲେ ନିକାହ୍ କରାଇଦିଅନ୍ତୁ । କିନ୍ତୁ ଆପଣମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି କୌଣସି ଅଣଅହେମଦୀ ମୌଲବୀଙ୍କ ଦ୍ୱାରା ନିକାହ୍ କରାଇବାକୁ ଯାଆନ୍ତୁନାହିଁ । ମୁଁ ଯେତେବେଳେ ଘାନାରେ ଥିଲି କେତେ ଅଣଅହେମଦୀ ମୋ ପାଖକୁ ଆସୁଥିଲେ ଓ କହୁଥିଲେ ଯେ ଆମେ ଯକାତ୍ ଦେବୁ । ମୁଁ ତାଙ୍କୁ କହିଥିଲି ତୁମେମାନେ ଯାଇ ତୁମ ମୌଲବୀମାନଙ୍କୁ ଯକାତ୍ ଦିଅ । ସେମାନେ କହୁଥିଲେ ଆମେ ଜାଣିଛୁ ଯେ ଆମ ମୌଲବୀମାନେ ଯକାତକୁ ଖାଇପିଇ ଉଡ଼ାଇଦେବେ । କିନ୍ତୁ ଆପଣମାନେ ତାର ଉଚିତ୍ ବ୍ୟବହାର କରିବେ । ସେଥିଯୋଗୁଁ ଆମେ ଆପଣଙ୍କ ଦେବୁ । ଆମେ ସେମାନଙ୍କଠାରୁ ଯକାତ୍ ରଖୁଥିଲୁ ଏବଂ ତା ବଦଳରେ ତାଙ୍କୁ ରସିଦ୍ ଦେଉଥିଲୁ । ଯଦି ଏପରି କରାଯାଉଥିଲା ତେବେ ନିକାହ୍ କାହିଁକି କରାଇପାରିବା ନାହିଁ ।

ଜଣେ ମୁରବୀ ପ୍ରଶ୍ନ କରିଲେ ଏଠାରେ ଅନେକ ଯାଗାରେ ହଜୁରଙ୍କ ଖୁତ୍‌ବାର ସାରାଂଶ ରିପୋର୍ଟ ଭଳି ପଢ଼ି ଶୁଣାଇ ଦିଆଯାଉଛି । ଏହା ଉତ୍ତରରେ ହଜୁର୍ କହିଲେ ମୁଁ ସେଠି ବି କହିଥିଲି ଏବଂ ଆପଣମାନଙ୍କୁ ମଧ୍ୟ ଏହା ନିର୍ଦ୍ଦେଶ ଦେଇଛି ଯେ ଯଦି ଲୋକମାନଙ୍କ ମଧ୍ୟରେ ମୋ ଖୁତ୍‌ବା ଶୁଣାଇବା ପାଇଁ ଆଗ୍ରହ ଜନ୍ମାଇବେ ତେବେ ନିଜର ଖୁତ୍‌ବାକୁ ଲମ୍ବା କରନ୍ତୁ ନାହିଁ । ୧୦ ରୁ ୧୫ ମିନିଟ୍ ଖୁତ୍‌ବା ହେଉ । ଏବଂ ସେଥିରେ ନିଜ ସ୍ଥାନୀୟ ଅବସ୍ଥା ମୁତାବକ ଯେଉଁ ନିର୍ଦ୍ଦେଶ ଦେବାକୁ ଅଛି ବା କଥା କହିବାକୁ ଅଛି ବା ଉଦଦେଶ ଅଛି ତାହା କୁହନ୍ତୁ । ଯଦି ଏହା ପୂର୍ବରୁ ମୋ ଖୁତ୍‌ବାରେ ଏପରି କୌଣସି କଥା କୁହାଯାଇଛି ଯାହା ସେଠିକାର ଲୋକମାନଙ୍କ ପାଇଁ ଦ୍ୱିତୀୟ ଥର କହିବା ଜରୁରୀ ଅଟେ ବା ତାକୁ ମନେପକାଇଦେବା ଜରୁରୀ ଅଟେ ତେବେ ତା ଉପରେ ନୋଟିସ୍ ଲଗାଇ ଦିଅନ୍ତୁ ।.... ମୁଁ ଏହା କରିଛି ଯେ ସେଥିମଧ୍ୟରୁ କିଛି କଥା ବ୍ୟାଖ୍ୟା କରିବାକୁ ହେବ । ତେଣୁ ତାକୁ ବ୍ୟାଖ୍ୟା କରିଦିଅନ୍ତୁ । ଏବଂ ସେଠିକାର ସ୍ଥାନୀୟ ମାମଲାଗୁଡିକୁ ୮-୧୦ ମିନିଟ୍ ମଧ୍ୟରେ ବର୍ଣ୍ଣନା କରନ୍ତୁ ।

ଆପଣମାନେ ଲୋକମାନଙ୍କୁ ଏମ୍.ଟି.ଏ ଓ ଖୁତ୍‌ବା ସହିତ ଯୋଡ଼ି ଦିଅନ୍ତୁ । ତେବେ ଆପଣମାନଙ୍କର ବହୁତ ଗୁଡିଏ ମାମଲା ସୁଧୁରିଯିବ । ମୁଁ କେତେବେଳେ କହିଛି ଯେ ଏହାକୁ କାହାଣୀ ପରି ଶୁଣାନ୍ତୁ ? ଆପଣମାନେ ଏହାକୁ ଏମିତି ପଢୁଛନ୍ତି ଯେମିତି ଓ୍ୱକଫେ ନୌ ଓ ଅତ୍‌ଫାଲ୍ ପିଲାମାନେ ଭାଷଣ ଦିଅନ୍ତି । କେବଳ ଖୁତ୍‌ବାର ପଂଏଟ୍ ଗୁଡିକ ବତାନ୍ତୁ ।

ଜଣେ ମୁରବୀ ପ୍ରଶ୍ନ କଲେ ଯଦି ଗୋଟିଏ ପକ୍ଷ ଆସି କହେ ଯେ ଆଉ ଗୋଟିଏ ପକ୍ଷ ତାଙ୍କ ଉପରେ ଅତ୍ୟାଚାର କରିଛି ବୋଲି ସେତେବେଳେ ମୁରବୀମାନଙ୍କର କାର୍ଯ୍ୟ କଣ ହେବ । ଏହି ପ୍ରଶ୍ନର ଉତ୍ତରରେ ହଜୁର୍ କହିଲେ ଯେତେବେଳେ ଗୋଟିଏ ପକ୍ଷ ଆପଣଙ୍କ ପାଖକୁ ଆସେ ଯିଏ ଝଗଡ଼ା କରିଛି ସେତେବେଳେ ଆପଣମାନେ ତାଙ୍କୁ

ବୁଝାନ୍ତୁ ଏବଂ ବଡେଇଦିଅନ୍ତୁ ଯେ ଏ ମାମଲା ମୋର ନୁହେଁ । ଏହା ଇସ୍‌ଲାହି କମିଟିର ମାମଲା ଅଟେ ବା ତୁମେ ଯାଇ ନିଜ ସଦରଙ୍କୁ ଜଣାଓ ଯେ ସେହି ଦୁଇପକ୍ଷକୁ ଇସ୍‌ଲାହି କମିଟିରେ ଡ଼ାକି ସୁଲାହ୍ ସଫାଇ କରିଦିଅନ୍ତୁ । ବା ଏହା ଉମୁରେ ଆମାର ମାମଲା ଅଟେ, ତାଙ୍କୁ ଦେଇଦିଅ । ଆପଣଙ୍କର କାମ ହେଉଛି ତବ୍‌ଲିଗ୍ ଓ ତର୍‌ବିୟତ୍ କରିବା । ଆପଣ ଯମାତ୍‌ର ଇସ୍‌ଲାହି କମିଟିର ମଧ୍ୟ ମେମ୍ୱର୍ ଅଟନ୍ତି । ମେମ୍ୱର୍ ହୋଇଥିବା ଯୋଗୁଁ ଆପଣ ଇସ୍‌ଲାହ କରିବା ପାଇଁ ଧ୍ୟାନ ଦିଅନ୍ତୁ । କାରଣ ମୁରବୀଙ୍କୁ ଦୀନ୍‌ର ଜ୍ଞାନ ଅଧିକା ଥିବା ଯୋଗୁଁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଉଚିତ୍ । ଉକ୍ତ ପକ୍ଷଙ୍କୁ ଆପଣମାନେ ଅନୁଧ୍ୟାନ କରି ଡିଲ୍ କରିବାକୁ ହେବ ।

ଆପଣଙ୍କ ପାଖକୁ ଯିଏ ବି ଆସନ୍ତୁ ନା କାହିଁ ଆପଣ ସେମାନଙ୍କୁ ବୁଝାନ୍ତୁ ଯେ ଯମାତ୍‌ର ବ୍ୟବସ୍ଥା ଏହା ନିର୍ଦ୍ଦେଶ ଦେଉଛି । ତୁମେ ପ୍ରଥମେ ଆପଣମାନେ ନିଜକୁ ଯମାତି ବ୍ୟବସ୍ଥା ବିଷୟରେ ଭଲାଭାବେ ଅବଗତ କରାଓ । କାନୁନ୍ କାଇଦା ବିଷୟରେ ଆପଣମାନେ ଭଲଭାବେ ଜାଣିବା ଉଚିତ୍ । ତେବେ ଯାଇ ତା ମୁତାବକ ଲୋକମାନଙ୍କୁ ଡିଲ୍ କରିପାରିବେ ।

ଜଣେ ବ୍ୟକ୍ତି ଏପରି ଥିଲା ଯିଏ ଚାପଡ଼ା ଖାଇ ଆସି କହିଲା ମୋ ସହିତ ଅନ୍ୟ ଜଣେ ବ୍ୟକ୍ତ ଅତ୍ୟାଚାର କରୁଛି ଏବଂ ଚାପୁଡ଼ା ମାରୁଥିବା ବ୍ୟକ୍ତିଙ୍କୁ ଡାକି ବୁଝାନ୍ତୁ । ଚାପୁଡ଼ା ମାରୁଥିବା ବ୍ୟକ୍ତି ଜଣକ କହିଲା ଯେ ମୋର ଭୁଲ୍ ହୋଇଯାଇଛି ମୋତେ କ୍ଷମା କରିଦିଅ । ଡିଲ୍ ପକ୍ଷଙ୍କ ମଧ୍ୟରେ ମିଳାମିଶା ହୋଇଗଲା । ସମସ୍ୟା ସମାଧାନ ହୋଇଗଲା ।

ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ଅମୀର୍ ସାହେବ୍ ଜର୍ମାନୀ କହିଲେ ଯେ ଗୋଟିଏ ଯମାତ୍‌ରେ ଜଣେ ମୁରବୀ ଥିଲେ । କାମ ବହୁତ ଭଲ ଚାଲୁଥିଲା । ଯେତେବେଳେ ନିୟମ ମୁତାବକ ବଦଳି ହେଲା ଏବଂ ଜଣେ ନୁଆ ମୁରବୀ ସେଠାକୁ ଆସିଲେ ମୋତେ ଏପରି ଲାଗିଲା ଯେ ବହୁତ ଗୁଡ଼ିଏ ସମସ୍ୟା ଆରମ୍ଭରୁ ସେଠାରେ ଥିଲା । ଲୋକମାନେ ନୁଆ ମୁରବୀଙ୍କ ସହିତ ସମ୍ପର୍କ ଜୋଡ଼ିବା ଆରମ୍ଭ କଲେ । ସେମାନଙ୍କର ସମସ୍ୟା ଗୁଡିକ ଜଣାପଡ଼ିବା ଆରମ୍ଭ ହେଲା । ତା ସହିତ ସେଗୁଡ଼ିକର ସମାଧାନ ମଧ୍ୟ ହୋଇଚାଲିଲା । କାରଣ ନୁଆ ମୁରବୀ ଜଣଙ୍କ ଖୋଲା ହୃଦୟର ଥିଲେ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ କିଛି ଏପରି ଯୁବକ ମୁରବୀମାନେ ଅଛନ୍ତି ଯେଉଁମାନେ ଲୋକମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖି ସମସ୍ୟା ଗୁଡ଼ିକର ସମାଧାନ କରିଛନ୍ତି । ତେଣୁ ଆମେ ପ୍ରଥମରୁ କହିରଖିଛୁ ଯେ ମୁରବୀମାନେ ଖୋଲା ହୃଦୟର ବ୍ୟକ୍ତି ହେବା ଉଚିତ୍ ।.....

ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମୋବୋଲିଗ୍ ମାନଙ୍କର ଏହି ମିଟିଙ୍ଗ୍ ପାଖାପାଖି ୮ ଟା ପର୍ଯ୍ୟନ୍ତ ଚାଲିଲା । ତାପରେ ସବୁ ମୋବୋଲିଗ୍‌ମାନେ ନିଜ ପ୍ରିୟ ଆକାଙ୍କ ସହିତ ହାତମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ତତ୍ ସହିତ ଫଟୋ ମଧ୍ୟ ଉଠାଇଲେ । ଏହାପରେ ହଜୁର୍ ବଇତୁଲ୍ ସବୁହର କିଚେନ୍‌କୁ ଯାଇ ଅନୁଧ୍ୟାନ କଲେ । ଏ ସମୟରେ ରାତ୍ରି ଭୋଜନ ପ୍ରସ୍ତୁତ କରାଯାଉଥିଲା । ତନ୍ଦୁର୍ ରୋଟି ପ୍ରସ୍ତୁତ କରାଯାଉଥିଲା । ଖଣ୍ଡେ ରୋଟି ନେଇ ଖାଇଲେ ଏବଂ ପଚାରିଲେ ଯେ ଏହା କେଉଁଠି ତିଆରି ହେଉଛି । ଉତର ଦେଲେ ଯେ ରୋଷେଇଁ ଶାଳ ଭିତରେ ତନ୍ଦୁର୍ ଲାଗିଛି । ସେଠାରେ ଏହା ପ୍ରସ୍ତୁତ କରାଯାଇଛି । ଏହାପରେ ହଜୁର୍ ଅନୁଓ୍ୱର୍ ଡାଇନିଂ ହଲ୍ ଓ ଅତିଥିଶାଳା କାର୍ଯ୍ୟାଳୟକୁ ପର୍ଯ୍ୟବେକ୍ଷଣ କଲେ ।

## ଆମିନ୍ ଉତ୍ସବ

ତତ୍‌ପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍‌ରେ ପୁରୁଷମାନଙ୍କ ପାଇଁ ଥିବା ହଲ୍‌କୁ ପ୍ରବେଶ କଲେ । ପ୍ରୋଗ୍ରାମ୍ ମୁତାବକ ଆମିନ୍‌ର ଉତ୍ସବ ଆରମ୍ଭ କରାଇଲେ । ହଜୁର୍ ଅନୁଓ୍ୱର୍ ନିମ୍ନଲିଖିତ ୨୯ ଜଣ ପୁଅ ଝିଅଙ୍କ ଠାରୁ ବହୁତ ସ୍ନେହର ସହିତ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ । ପରିଶେଷରେ ପ୍ରାର୍ଥନା କରାଇଲେ । ସଭିହ୍ ଅହମଦ୍, ଅଲିମ୍ ଅହମଦ୍, ତନ୍‌ଜିଲ୍ ତାଖର, ଫଏଜାନ୍ ଅହମଦ୍, ହାଜିକ୍ ମେହେମୁଦ୍, ଶାଇକ ମେହେମୁଦ୍, ଆଶାନ ମେହେମୁଦ୍, ଅଲି ରାଶିଦ୍ କାହାଲୁଁ, ଅବ୍‌ଦୁଲ୍ ସମଦ ବସରା, ହାରାମ ଜକା, ବାନିଶ ମିର୍ଜା, ରାଓ ଜୋରଓ୍ୱଜ୍ ଅରସଲାମ, ଆବଶର୍ ମେହେମୁଦ୍, ହାମିଆ ବଶରା, ସବ୍‌ରିନା ଓ୍ୱର୍କ, ସଲିନ୍ ଅହମଦ୍, ଶାଫିଆ ରାନା, ରିଦା ମସ୍‌ରୁଦ୍, ହିଦା ମସ୍‌ରୁଦ୍, ଜାରା ଆସିସ୍, ସାରିଆ ଓ୍ୱଦୁଦ୍ ।

ଆମିନ୍ ଉତ୍ସବ ପରେ ହଜୁର୍ ଅନୁଓ୍ୱର୍ ନମାଜ ମଗ୍‌ରିବ୍ ଏବଂ ଇଶା ଏକତ୍ର କରାଇଲେ । ତାପରେ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

## ୧୮ ଏପ୍ରିଲ୍ ୨୦୧୭ (ମଙ୍ଗଳବାର)

ହଜୁର୍ ଅନୁଓ୍ୱର୍ ଭୋର୍ ଷାଢ଼େ ପାଂଚଟାରେ ଆଜି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ନିଜର ବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳୁ ଦଫ୍‌ତର୍ କୁ ଆସି ଡାକ ଏବଂ ରିପୋର୍ଟ ଗୁଡ଼ିକ ତତ୍ ସହିତ ଚିଠିପତ୍ର ଗୁଡ଼ିକୁ ଦେଖିଲେ । ଏହାପରେ ଦଫତରି କାର୍ଯ୍ୟରେ ଲିପ୍ତ ରହିଲେ ।

ପ୍ରୋଗ୍ରାମ୍ ମୁତାବକ ନିମ୍ନଲିଖିତ ଇଲୋକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆର ପ୍ରତିନିଧି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର ନେଲେ । ଏଚ୍.ଆର୍. ଟି.ଭି ଏବଂ ରେଡ଼ିଓ, ସ୍ୟାଟ୍-୧ ଟି.ଭି, ଫାଜ୍ ଖବରକାଗଜ, ଏଚ୍.ଆର୍. ଇନ୍‌ଫୋ ରେଡିଓ, ଦାସ ମାଲଓ ବ୍ଲଗ୍, ଦି.ଟି.ଏ (ଜର୍ମାନୀ ପ୍ରେସ୍ ଏଜେନ୍‌ସି)

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧ଟା ସମୟରେ ପେଶ୍ କନ୍‌ଫରେନ୍‌ସ ଆରମ୍ଭ ହେଲା ।

ଜଣେ ଜର୍ନାଲିଷ୍ଟ ପ୍ରଶ୍ନ କଲେ ଯେ ଆଜିକାଲି ବିଶେଷ ରୂପେ ଜର୍ମାନୀରେ ଇସ୍‌ଲାମ୍ ପ୍ରତି ଭୟ ବଢ଼ି ଚାଲିଛି । ଏବଂ ଲୋକମାନେ ନିଜ ସୁରକ୍ଷା ନାମରେ ଅତ୍ୟାଚାର ମଧ୍ୟ କରୁଛନ୍ତି । ଯେପରି ମସ୍‌ଜିଦ୍ ଭିତରେ ବାରାହା ମୁଣ୍ଡକୁ କାଟି ଫୋପାଡ଼ି ଦେଉଛନ୍ତି । ଏହାର ଉତର ଆପଣ କିପରି ଦେବେ । ଏ ପ୍ରଶ୍ନର ଉତରରେ ହଜୁର୍ କହିଲେ ଯେ ଇସ୍‌ଲାମ୍ ପ୍ରତି ଏହି ଭୟ ଦିନକୁ ଦିନ ବଢ଼ି ଚାଲିଛି । ଏହା ଆପଣଙ୍କର ପ୍ରଶ୍ନ ଅଟେ । ଅର୍ଥାତ୍ ଇସ୍‌ଲାମୀ ଥୋବିୟା । ଏହା ପ୍ରତ୍ୟେକ ଜାଗାରେ ଅଛି । ଏହା ସବୁଠାରେ ଅଛି କେବଳ ଜର୍ମାନୀରେ ନାହିଁ । ଏହି ଭୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ କିଛି ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଦ୍ୱାରା ବ୍ୟାପିଚାଲିଛି । ଯାହା ସେମାନେ ଇସ୍‌ଲାମ୍ ନାଁ ରେ କରିଚାଲିଛନ୍ତି । ସେମାନଙ୍କ କହିବା ଅନୁସାରେ ସେମାନେ ମୁସଲ୍‌ମାନ୍ ଅଟନ୍ତି ଓ ସେମାନେ ଯାହା କରୁଛନ୍ତି ତାହା ଇସ୍‌ଲାମ୍‌ର ଶିକ୍ଷା ଅଟେ ବୋଲି । କିନ୍ତୁ ବାସ୍ତବରେ ଏହା ଠିକ୍ ନୁହେଁ । ସେମାନେ ତ ଇସ୍‌ଲମ୍‌ର ପ୍ରକୃତ ଶିକ୍ଷାକୁ ବିଗାଡ଼ି ଉପସ୍ଥାପନ କରୁଛନ୍ତି । ଯାହାର ଭବିଷ୍ୟବାଣୀ ଆଁ ହଜରତ୍ ସ:ଆ:ସ ଚଉଦ ଶହ ବର୍ଷ ପୂର୍ବରୁ କରିଯାଇଛନ୍ତି ଯେ ଏପରି ହେବାର ଥିଲା । ଅର୍ଥାତ୍ ମୁସଲ୍‌ମାନ୍‌ମାନେ ନିଜର ଶିକ୍ଷାକୁ ଭୁଲିଯିବେ । କୋରାନ୍ ଶିକ୍ଷା ମୁତାବକ ଅମଳ କରିବେ ନାହିଁ । ସେତେବେଳେ ମୁସଲମାନଙ୍କ ମଧ୍ୟରେ ଜଣେ ସୁଧାରକ ଆସିବେ ଯିଏ ଇସ୍‌ଲାମ୍‌ର ପ୍ରକୃତ ଶିଥକ୍ଷାକୁ ପୁନର୍ବାର ଜୀବିତ କରିବେ । ଓ ତା ଯମାତ୍ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରସାର କରିବ । ତେଣୁ ଯାହା ବର୍ତ୍ତମାନ ହେଉଛି ତାହା ସବୁ ହେବାର ଥିଲା ।

ଆମ ଅହେମଦୀମାନଙ୍କର ଇମାନ୍ (ବିଶ୍ୱାସ) ଅଛି ଯେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନି ଆ:ସ ସେହି ବ୍ୟକ୍ତି ଅଟନ୍ତି ଯାହାଙ୍କ ଆସିବା ଖବର ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଦେଇଥିଲେ । ଏବଂ କହିଥିଲେ ଯେ ଆସିବା ମୁସ୍‌ଲେହ ଚଉଦ ସଦିର ଶେଷରେ ମସିହ୍ ଓ ମେହେଦୀ ନାମ ନେଇ ଆସିବେ, ସେ ସମସ୍ତ ମୁସଲ୍‌ମାନମାନଙ୍କୁ ବରଂ ଦୁନିଆର ସମସ୍ତ ମନୁଷ୍ୟଙ୍କୁ ଗୋଟିଏ ହାତରେ ଏକାଠି କରିବେ ଓ ସେମାନଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଜଣାଇବେ । ତେଣୁ ଏହିସବୁ କାରଣ ଯୋଗୁଁ ଆମର ବିଶ୍ୱାସ ଯେ ସେ ବ୍ୟକ୍ତି ଆସି ସାରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ମୁଁ ଦୁଇଟି ଲକ୍ଷ ଉଦ୍ଦେଶ୍ୟରେ ଆସିଛି । ପଥମଟି ହେଉଛି ଯେ ମନୁଷ୍ୟକୁ ତା ସୃଷ୍ଟିକର୍ତାଙ୍କ ସହିତ ନିକଟତର କରାଇବି ଯଦ୍ୱାରା ଲୋକମାନେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନି ପାରିବେ । ଦ୍ୱିତିୟଟି ହେଉଛି ଜଣେ ଲୋକ ଅନ୍ୟ ଲୋକର ଅଧିକାରକୁ ପ୍ରଦାନ କରୁ ଓ ନିଜ ନିଜ ଭିତରେ ଶାନ୍ତି ଓ ଭାତୃଭାବ ରକ୍ଷାକରି ରହିବା ପାଇଁ ଧ୍ୟାନ ଆକର୍ଷଣ କରାଇବି । ସେଥିଯୋଗୁଁ

ଆପଣ କହିଲେ ଯେ ଏହି ଯୁଗରେ ଧର୍ମଯୁଦ୍ଧ ଶେଷ ହୋଇଯାଇଛି...... ଆମେ ଏଠି ଜର୍ମାନୀରେ ଓ ଦୁନିଆର ବାକି ଭାଗରେ ମଧ୍ୟ ଚେଷ୍ଟା କରୁଛୁ ଯେ ଇସ୍‌ଲାମ୍ ସମ୍ବନ୍ଧରେ ମଣିଷର ମସ୍ତିଷ୍କରେ ଥିବା ଭୁଲ୍ ଧାରଣାକୁ ଦୂର କରିପାରିବୁ । ହଜୁର୍ ଅନୁୱର୍ କହିଲେ ଏହା ଆମ ପାଇଁ ବହୁତ କଷ୍ଟସାଧ୍ୟ କାର୍ଯ୍ୟ ଅଟେ ଯେ ଅଣମୁସଲିମ୍‌ମାନଙ୍କ ମୁଣ୍ଡରୁ ଇସ୍‌ଲାମ୍ ସମ୍ବନ୍ଧୀୟ ଥିବା ଭୁଲ୍ ଧାରଣାକୁ ବାହାର କରିବାକୁ ହେବ । ଇସ୍‌ଲାମ୍ ସନ୍ତ୍ରାସବାଦର ଧର୍ମ ନୁହେଁ । ଇସ୍‌ଲାମ୍ ତ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟର ଧର୍ମ ଅଟେ । ଏବଂ ଏହା ହେଉଛି ସେହି ବାସ୍ତବିକ ବାର୍ତ୍ତା ଅଟେ ଯାହାକୁ ଆମେ ସଂସାରରେ ପ୍ରସାର କରିଚାଲିଛୁ । ଏବଂ ଆମେ ଆଶା କରୁଛୁ ଯେ ଯେତେବେଳେ ଆମେ ଏହି ବାର୍ତ୍ତା ଜରିଆରେ ଲୋକମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଜଣାଇବୁ ସେତେବେଳେ ଲୋକଙ୍କ ମୁଣ୍ଡରୁ ଇସ୍‌ଲାମ୍ ଫୋବିୟା ଶେଷ ହୋଇଯିବ ।....

ଜଣେ ପତ୍ରକାର ପ୍ରଶ୍ନ କଲେ ଯେ କଣ ଆବଶ୍ୟକ ଅଛି ଏବଂ ରାଜନିତୀଜ୍ଞ ମାନଙ୍କୁ କଣ କରିବାକୁ ହେବ । ଯଦ୍ୱାରା ଏ ସମ୍ପର୍କ ଉତମ ହେବ ଅର୍ଥାତ୍ ଏହା କଣ ଆବଶ୍ୟକ ଯେ ସ୍କୁଲ୍‌ରେ ଇସ୍‌ଲାମୀ ଶିକ୍ଷା ପଢ଼ାହେବ ବା ସୁବିଧାର ସହିତ ମସ୍‌ଜିଦ୍ ନିର୍ମାଣ କରାହେବ । ଏହାର ଉତରରେ ହଜୁର୍ କହିଲେ-ଇସ୍‌ଲାମ୍ ଗୋଟିଏ ଧର୍ମ ଅଟେ । ଆପଣ ନିଜ ସ୍କୁଲ୍‌ରେ ଇସାଇ ଧର୍ମ ବିଷୟରେ ଏବଂ କିଛି ସ୍କୁଲ୍‌ରେ ଇହୁଦୀ ଧର୍ମ ବିଷୟରେ ଶିକ୍ଷା ଦିଆଯାଉଛି । ଭାରତରେ ହିନ୍ଦୁ ଧର୍ମ ଓ ଶିଖ୍ ଧର୍ମ ବିଷୟରେ ଶିକ୍ଷା ଦିଆଯାଉଛି । ଇସ୍‌ଲାମୀୟ ଦେଶଗୁଡିକରେ ଶିକ୍ଷା ଦିଆଯାଉଛି ଏବଂ ଏଠିକାର ପାଶ୍ଚାତ୍ୟ ଦେଶରେ ମଧ୍ୟ ଇସ୍‌ଲାମ୍ ଏକ ଧର୍ମ ହିସାବରେ ସ୍କୁଲ୍‌ମାନଙ୍କରେ ଶିକ୍ଷା ଦିଆଯାଉଛି । ଯଦି ମୁଁ ଜଣେ ବ୍ରିଟିଶ୍ ନାଗରିକ ଅଛି ତା ସହିତ ମୁଁ ଜଣେ ମୁସଲମାନ୍ ମଧ୍ୟ ଅଛି ସେହିପରି ଆଉ କିଏ ବ୍ରିଟିଶ୍ ନାଗରିକ ସହିତ ଇସାଇ ବା ଇହୁଦି ଥିବେ । କିଏ ହିନ୍ଦୁ ଆଉ କିଏ ନାସ୍ତିକ ମଧ୍ୟ ଥିବେ । ଏହା ସତ୍ତ୍ୱେ ଆମେ ସମସ୍ତେ ବ୍ରିଟିଶ୍ ନାଗରିକ । ଏହି ଦେଶର ନାଗରିକ ହେବା ଯୋଗୁଁ ଆମ ସମସ୍ତଙ୍କର ଅଧିକାର ଏକାପରି ହେବା ଉଚିତ୍ ଏବଂ ଧର୍ମର ଏଥିରେ କୌଣସି ହସ୍ତକ୍ଷେପ ହେବା ଉଚିତ୍ ନୁହେଁ । ଯେପରି ମୁଁ ଏ ଦେଶର ନାଗରିକ ହେବାଯୋଗୁଁ ରାଜନୀତିରେ ଭାଗ ନେଇପାରିବି ସେହିପରି ଜଣେ ହିନ୍ଦୁ, ଜଣେ ଇସାଇ ବା ଜଣେ ୟହୁଦୀ ଏହି ଦେଶର ନାଗରିକ ହେବା ଯୋଗୁଁ ରାଜନୀତିରେ ପ୍ରତ୍ୟେକ୍ଷ ଭାଗ ନେଇପାରିବେ । ତେଣୁ ଏଥିରେ ଧର୍ମକୁ ଟାଣି ଓଟାରି ପୁରାଇବା କଣ ଆବଶ୍ୟକ ? ରାଜନୀତି ଓ ଧର୍ମ ଦୁଇଟା ଅଲଗା ଜିନିଷ । ଆମକୁ ପ୍ରଭେଦ ଜାଣିବା ଉଚିତ୍ ।

ଜଣେ ପତ୍ରକାର କହିଲେ ସ୍କୁଲ୍‌ରେ ଇସ୍‌ଲାମୀୟ ଶିକ୍ଷା ଦେବା କଣ ଭଲ ହେବ ? ଏଥିରେ ହଜୁର୍ କହିଲେ ଯେ ଭଲହେବ । ଯଦି ଆପଣ ସ୍କୁଲ୍‌ରେ ଧର୍ମୀ ଶିକ୍ଷା ଦେଉଛନ୍ତି ଏବଂ ଛାତ୍ରଛାତ୍ରୀଙ୍କୁ ଧର୍ମ ବିଷୟରେ ପଢ଼ିବାକୁ ଇଛା ଅଛି ତେବେ ଆପଣ ତାକୁ ପଢ଼ାନ୍ତୁ । ବରଂ ଯଦି ଆପଣ ପ୍ରାଇମେରୀ ସ୍କୁଲ୍‌ରେ ଇସାଇ ଧର୍ମ ବିଷୟରେ ପଢ଼ାଉଛନ୍ତି ତେବେ ଇସ୍‌ଲାମ୍‌କୁ ମଧ୍ୟ ଧର୍ମ ହିସାବରେ ପଢ଼ାଇବା ଉଚିତ୍ । କିନ୍ତୁ ଏପରି ନହେଉ ଯେ ଇସ୍‌ଲାମ୍‌କୁ ଏକ କଲଚର୍ ରୂପେ ଅଭିହିତ କରନ୍ତୁ ବା ଇସ୍‌ଲାମ୍‌କୁ ରାଜନୀତିର ଏକ ଅଂଶ ବୋଲି କୁହନ୍ତୁ ।....

ଜଣେ ପତ୍ରକାର ପଚାରିଲେ ଯେ ଆପଣ ଦୁନିଆରେ ବହୁତ ଯାତ୍ରା କରୁଛନ୍ତି ଏବଂ ନିଜ ଯମାତର ଲୋକମାନଙ୍କ ବିଷୟରେ ସବୁ ଜାଣୁଛନ୍ତି ତେଣୁ ଜର୍ମାନୀର କି ଅବସ୍ଥା ଅଛି ?

ଏହା ଉତରରେ ହଜୁର୍ କହିଲେ ଯେ ଯେଉଁଠି ଧର୍ମୀୟ ସ୍ୱାଧୀନତା ଅଛି ବିଶେଷ ରୂପେ ପାଶ୍ଚାତ୍ୟ ଦେଶରେ ବା ଉନ୍ନତଶୀଳ ଦେଶମାନଙ୍କରେ । ଏଠାରେ ନିଜ ଇଛା ମୁତାବକ ଲୋକେ ଧର୍ମ ଗହଣ କରିପାରୁଛନ୍ତି ଓ ତା ମୁତାବକ ଅମଳ ମଧ୍ୟ କରୁଛନ୍ତି ଯେପରି ଜର୍ମାନୀରେ ମଧ୍ୟ ଅଛି । ଯେଁଠି ସରକାରଙ୍କ କଥା ଓ ଦେଶର କାନୁନ୍‌ର ସମ୍ପର୍କ ଏଠି ଧର୍ମୀୟ ସ୍ୱାଧିନତା ଓ ବାକ୍‌ସ୍ୱାଧିନତା ଅଛି ଏହି ଅନ୍ୟାନ୍ୟ ସ୍ୱାଧିନତା ମଧ୍ୟ ଅଛି ।.....ଏଠି ପୂର୍ବ ଜର୍ମାନୀରେ ଜାତିବାଦ ଗୋଷ୍ଠି ଅଛନ୍ତି... ।

ଜଣେ ପତ୍ରକାର କହିଲେ ଏହି ଜାତିବାଦ ଗୋଷ୍ଠୀଙ୍କ ବିରୋଧରେ ପଦକ୍ଷେପ ନେବା ଉଚିତ୍ କି ? ଏଥିରେ ହଜୁର୍ କିହଲେ ଆମକୁ ତାଙ୍କ ବିରୋଧରେ କିଛି କରିବାର ଆବଶ୍ୟକ ନାହିଁ । ଆମେ ତ ଶାନ୍ତି, ପ୍ରେମ ଓ ଭାଇଚାରାର ବାର୍ତ୍ତା ପ୍ରସାର କରିଚାଲିଛୁ ।......

ଜଣେ ପତ୍ରକାର ପଚାରିଲେ ଯେ ଆପଣ ଖୁଦାଙ୍କ ଉପରେ କାହିଁକି ବିଶ୍ୱାସ ଆଣୁଛନ୍ତି ? ଏଥିରେ ହଜୁର୍ ଅନୁୱର୍ କହିଲେ ମୁଁ ଖୁଦାଙ୍କ ଉପରେ ଏଇଥିପାଇଁ ବିଶ୍ୱାସ ଆଣୁଛି ଯେ ମୁଁ ଖୁଦାଙ୍କୁ ବିଭିନ୍ନ ଜରିଆରେ ଦେଖୁଛି । ଉଦାହରଣ ସ୍ୱରୂପ ଦୁଆ ଗ୍ରହଣୀୟ ହେବା ଜରିଆରେ । ମୁଁ ବିଭିନ୍ନ ସମୟରେ ଦେଖିଛି । ଯେତେବେଳେ ମୋ ପାଖରେ କମ୍ ସମୟ ଥାଏ ଏବଂ ମୁଁ ସର୍ତ ରଖେ ଯେ ଖୁଦା ଏହାକୁ ମତେ ୧୦/୧୫ ମିନିଟ୍ ସର୍ମରେ ମୋ ପ୍ରାର୍ଥନା ଗ୍ରହଣ କରି କାର୍ଯ୍ୟ କରନ୍ତୁ । ଏବଂ ମୁଁ ବହୁତ ବ୍ୟାକୁଳ ହୋଇ ଦୁଆ କରେ । ସେତେବେଳେ ସେ ମୋ ପ୍ରାର୍ଥନା ଗ୍ରହଣ କରିଛି ଓ ମୋ କାମ ହୋଇଯାଇଛି । ଯେହେତୁ ମୋର ନିଜର ଏହି ଅଭିଜ୍ଞତା ଅଛି ସେଥିଯୋଗୁଁ ମୁଁ ତା ଉପରେ ବିଶ୍ୱାସ ରଖୁଛି ।.....

ଜଣେ ପତ୍ରକାର ପ୍ରଶ୍ନ କଲେ ଯେ ଆପଣଙ୍କର ୧୦୦ଟି ମସ୍‌ଜିଦ୍ ନିର୍ମାଣ ପାଇଁ ସ୍କିମ୍ ଅଛି । ଆପଣଙ୍କର ଭବିଷ୍ୟତରେ ଆଉ କଣ ଉଦ୍ଦେଶ୍ୟ ରଖିଛନ୍ତି ?

ଏଥିରେ ହଜୁର୍ କହିଲେ ଯେ ଜର୍ମାନୀରେ ଅହେମଦୀମାନଙ୍କ ସଂଖ୍ୟା ବଢ଼ିଚାଲିଛି । ସେଥିଯୋଗୁଁ ମସ୍‌ଜିଦ୍‌ର ଆବଶ୍ୟକ ପଡୁଛି । ଯେଉଁଠି ଏକତ୍ରିତ ହୋଇ ଖୁଦାଙ୍କ ଉପାସନା କରାଯାଇପାରିବ । ସେହିପରି ଧର୍ମ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଓ ହ୍ୟୁମାନିଟିରିଆନ୍ ପ୍ରୋଗ୍ରାମ୍ କରାଯାଇପାରିବ । ଏହା ନୁହେଁ ଯେ ଆମେ ୧୦୦ ଶହେ ମସ୍‌ଜିଦ୍ ଭିତରେ ସିମୀତ ରହିବୁ । ଆଶା ଅଛି ଯେ ଯେପରି ଯମାତ୍ ବଢ଼ିଚାଲିବ ଆମେ ଶହେରୁ ଅଧିକ ମସ୍‌ଜିଦ୍ ନିର୍ମାଣ କରିବୁ ।....

ଜଣେ ପତ୍ରକାର ପଚାରିଲେ ଯେ ଆଜି ଆପଣ ଗୋଟିଏ ମସ୍‌ଜିଦ୍‌ର ମୂଳଦୁଆ ରଖିବାକୁ ଯାଉଛନ୍ତି । ଆପଣଙ୍କୁ ଏହାର ଗ୍ରହଣୀୟ କିପରି ହେବ ବୋଲି ଜଣାପଡୁଛି ?

ଏଥିରେ ହଜୁର୍ କହିଲେ ଯେ ଏଠାରେ ଯଦି ଆପଣଙ୍କ ପଡ଼ୋଶୀ ଆପଣଙ୍କୁ ଅନୁମତି ନ ଦେବେ ତେବେ ଆପଣ ମସ୍‌ଜିଦ୍ ନିର୍ମାଣ କରିପାରିବ ନାହିଁ । ଯଦି କାଉନସିଲ୍ ଅନୁମତି ନଦେଇଥାନ୍ତା ତେବେ ମସ୍‌ଜିଦ୍ ନିର୍ମାଣ ହୋଇପାରିନଥାନ୍ତା । ତେଣୁ ଏହିସବୁ ଅନୁମତି ଆମକୁ ପୂର୍ବରୁ ମିଳିସାରିଛି । ତେବେ ଯାଇ ଆମେ ମସ୍‌ଜିଦ୍ ନିର୍ମାଣ କରୁଅଛୁ । ଏଥିରୁ ସ୍ପଷ୍ଟ ହେଉଛି ଯେ ପଡ଼ୋଶୀମାନେ ଆମକୁ ଗ୍ରହଣ କରିଛନ୍ତି । ମୁଁ ଆଶାକରୁଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱୀକାର କରିବେ ।....

ଜଣେ ପତ୍ରକାର ପଚାରିଲେ ଯେ ଯେତେବେଳେ ଆପଣ ଉତର କୋରିଆ ବିଷୟରେ ଭାବୁଛନ୍ତି ସେତେବେଳେ ବିପଦ ସମୟରେ ଆପଣଙ୍କୁ କଣ ଭାବନା ଆସୁଛି ?

ଏହାର ଉତରରେ ହଜୁର୍ କହିଲେ ଯେ ନ୍ୟୁୟର୍କର ଯୁଦ୍ଧର ବଡ଼ ବିପଦ ଅଛି । କେହି କହିପାରିବେ ନାହିଁ ଯେ ବିପଦ ନାହିଁ ବୋଲି । ଉତର କୋରିଆ କହୁଛି ଯେ ଆମେରିକା ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଆମକୁ ନ୍ୟୁୟର୍କର ବମ୍ ଫାୟାର୍ କରିବାକୁ ପଡ଼ିବ । ଏଥିରୁ ଜଣାପଡୁଛି ଯେ ବଡ଼ ବିପଦ ଅଛି । ଏତଦ୍‌ବ୍ୟତୀତ ରଷ୍, ସିରିଆ ଓ ଇରାନ୍ ଏକାଠି ହୋଇସାରିଛନ୍ତି । ଓ ଗୋଟିଏ ବ୍ଲକ୍ ତିଆରି କରିଛନ୍ତି । କିଛିଦିନ ପୂର୍ବେ ଲୋକମାନେ ଭାବୁଥିଲେ ଯେ ରଷ୍ ଓ ଆମେରିକାରେ ସମ୍ପର୍କ ସୁଧୁରି ଯିବ ବୋଲି କାରଣ ଟ୍ରମ୍ପ ମିଷ୍ଟର ପୁଟିନ୍‌ଙ୍କ ସମର୍ଥକ ଅଟନ୍ତି । କିନ୍ତୁ ଏବେ ଆପଣମାନେ ଦେଖୁଛନ୍ତି ଯେ ଏବେ ସେପରି କିଛି ହେଉନାହିଁ । ରାତା ରାତି ସବୁ ବଦଳିଗଲା । ପଛ ମାସରେ ଲଣ୍ଡନ୍‌ଠାରେ ଗୋଟିଏ ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ ହୋଇଥିଲା ଯାହା ଆମେ ସବୁ ବର୍ଷ ଅନୁଷ୍ଠିତ କରୁଛୁ ।

ସେଠାରେ ମୁଁ କହିଥିଲି ଏହା ଭାବନ୍ତୁ ନାହିଁ ଯେ ବ୍ଲକ୍ ତିଆରି ହେବନାହିଁ ବୋଲି । ଯେତେବେଳେ ଯୁଦ୍ଧ ହେବ ବେଳେବେଳେ ଏପରି ହୁଏ ଯେ ଗୋଟିଏ ଗୋଷ୍ଠୀ ତା ସାଙ୍ଗଙ୍କୁ ଛାଡ଼ି ଆଉ ଗୋଟିଏ ଗୋଷ୍ଠୀରେ ସାମିଲ୍ ହୁଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏପରି ହୋଇଥିଲା । ଋଷ ଓ ଜର୍ମାନୀ ପ୍ରଥମେ ଏକ ଥିଲେ କିନ୍ତୁ ଶେଷରେ କଣ ହେଲା ? ତେଣୁ ଯଦି ଯୁଦ୍ଧ ହେବ ତା'ହେଲେ ନୂଆ ବ୍ଲକ୍ ଉତ୍ପନ୍ନ ହେବାର ବିପଦ ଅଛି । ଏଥର ତ ଛୋଟ ଛୋଟ ଦେଶଙ୍କ ନିକଟରେ ନ୍ୟୁକ୍ଲିୟର ଅସ୍ତ୍ର ଅଛି ତେଣୁ ଏଥର ଅଧିକା କ୍ଷତି ହେବ ।

ଜଣେ ପତ୍ରକାର ପଚାରିଲେ ଯେ ଯେଉଁ ମସ୍‌ଜିଦ୍ ତିଆରି ହେଉଛି ସେଥିରେ କଣ ପ୍ରତ୍ୟେକ ଧର୍ମର ଲୋକଙ୍କୁ ସ୍ୱାଗତ କରାହେବ ?

ହଜୁର୍ ଅନ୍‌ୱର୍ ଏହାର ଉତରରେ କହିଲେ ଯେ ପ୍ରତ୍ୟେକ ଧର୍ମର ଲୋକଙ୍କୁ ଆମ ମସ୍‌ଜିଦ୍‌ରେ ସ୍ୱାଗତ କରାଯାଏ । ବରଂ ହଜରତ୍ ମୁହମ୍ମଦ୍ ସ:ଆ:ସଙ୍କ ସମୟରେ ଗୋଟିଏ ଖ୍ରୀଷ୍ଟିଆନ୍ ଦଳ ଆପଣଙ୍କ ସହ ସାକ୍ଷାତ କରିବାକୁ ଆସିଥିଲେ । କିଛି ସମୟରେ ଆଁ ହଜରତ୍ ସ:ଅ:ସ ଅନୁଭବ କଲେ ଯେ ଉକ୍ତ ଦଳର ଲୋକମାନେ କିଛି ଅସୁବିଧା ଅନୁଭବ କରୁଛନ୍ତି । ଯେତେ ଆଁ ହଜରତ୍ ସ:ଆ:ସ କାରଣ ପଚାରିଲେ ସେମାନେ କହିଲେ ଯେ ତାଙ୍କର ଉପାସନାର ସମୟ ବିତିବାକୁ ଯାଉଛି । କିନ୍ତୁ ଉପାସନା ପାଇଁ କୌଣସି ସ୍ଥାନ ମିଳୁନାହିଁ । ସେ ସମୟରେ ସମସ୍ତେ ମସ୍‌ଜିଦ୍ ନବୱିରେ ବସିଥିଲେ । ଆଁ ହଜରତ୍ ସ:ଆ:ସ ତାଙ୍କୁ କହିଲେ ହଇରାଣ ହେବାର କୌଣସି ଆବଶ୍ୟକ ନାହିଁ । ଆପଣମାନେ ଏଠି ମୋ ମସ୍‌ଜିଦ୍‌ରେ ନିଜ ହିସାବରେ ଉପାସନା କରିପାରିବେ । ତେଣୁ ମସ୍‌ଜିଦ୍ ସେହି ସମସ୍ତ ଲୋକମାନଙ୍କ ନିମନ୍ତେ ଖୋଲାଅଛି ଯେଉଁମାନେ ଗୋଟିଏ ଖୁଦାଙ୍କ ଉପାସନା କରିବାକୁ ଚାହାଁନ୍ତି । ତେଣୁ ଏଠି ଆସି ଉପାସନା କରିପାରିବେ ।

ଜଣେ ପତ୍ରକାର ପଚାରିଲେ ଯେ ଆପଣମାନଙ୍କ ସ୍ତ୍ରୀ ମହିଳା ଲୋକମାନେ ଇସାମତ୍ (ନମାଜ ପାଠ କରାଇବା ବ୍ୟକ୍ତି) କରିପାରିବେ କି ?

ଏଥିରେ ହଜୁର୍ କହିଲେ ଯେ ଇସ୍‌ଲାମ୍ ସ୍ତ୍ରୀ ଲୋକ ମାନଙ୍କୁ ତାଙ୍କ ବିଶେଷ ଦିନ ଗୁଡିକରେ ଛୁଟି ଦେଇଛି । ଉଦଦାହରଣ ସ୍ୱରୂପ ସେମାନେ ମାସିକ ଋତୁସ୍ରାବ ସମୟରେ ବା ଛୁଆ ଜନ୍ମ କରିସାରିବା ପରେ ଇତ୍ୟାଦିରେ, ପରେ ମଧ୍ୟ ଚାଳିଶି ଦିନ ଅଟେ । ଯେଉଁଦିନ ମାନଙ୍କରେ ତାଙ୍କୁ ନମାଜ ପଢ଼ିବାରୁ ନିବୃତ ରଖାଯାଇଛି ସେହିପରି ପ୍ରେଗ୍‌ନାନ୍‌ସି ସମୟରେ ସେମାନେ ରୋଜା ରଖିବେ ନାହିଁ । ତେଣୁ ଏହିପରି ଅବସ୍ଥାରେ ଯଦି କୌଣସି ସ୍ତ୍ରୀ ଲୋକଙ୍କୁ ଆପଣ ଇମାମ୍ କରିଦେବେ ତେବେ ଏହାର ଅର୍ଥ ହେବ ଯେ ଚାଳିଶି ଦିନ ପର୍ଯ୍ୟନ୍ତ କେହି ଇମାମ୍ ହେବେନାହିଁ । ପ୍ରତ୍ୟେକ ମାସରେ ୬-୭ କିମ୍ବା ୮ ଦିନ କେହି ଇମାମ୍ ହେବେ ନାହିଁ । ଏହା ଏକ ପ୍ରକାର ଯୁକ୍ତିଯୁକ୍ତ କଥା । ନଚେତ୍ ଇସ୍‌ଲାମ୍ ତ 'ଡିଭିଜନ୍ ଅଫ୍ ଲେବର୍' ହେଉଛି ପୁରୁଷଙ୍କୁ କିଛି କାମର ଦାୟିତ୍ୱ ଦିଆଯାଇଛି ସେହିପରି ମହିଳାଙ୍କୁ ମଧ୍ୟ କିଛି ଦାୟିତ୍ୱ ଦିଆଯାଇଛି । ଏହାର ଅର୍ଥ ନୁହେଁ ଯେ ଇସ୍‌ଲାମ୍ ସ୍ତ୍ରୀ ମାନଙ୍କର ସମ୍ମାନକୁ କୌଣସି ପ୍ରକାର କ୍ଷୁର୍ଣ୍ଣ କରୁଛି ବରଂ ସ୍ତ୍ରୀ ମାନଙ୍କୁ ବହୁତ ସମ୍ମାନ କରେ । ସେଥିଯୋଗୁଁ ଆଁ ହଜରତ୍ ସ:ଆ:ସ କହିଛନ୍ତି ଯେ ମା ପାଦତଳେ ସ୍ୱର୍ଗ ଅଛି । ଏହାର ଅର୍ଥ ହେଉଛି ମା ପିଲାମାନଙ୍କର ଧ୍ୟାନ ରଖିଥାଏ । ମା ପିଲାମାନଙ୍କୁ ଭଲ ସଂସ୍କାର ଦେଇଥାଏ । ଯଦ୍ୱାରା ପିଲାମାନେ ଦେଶର ଉତମ ନାଗରିକ ହୋଇପାରିବେ । ଦେଶ ଓ ସମାଜ ପାଇଁ କଲ୍ୟାଣକାରୀ ବ୍ୟକ୍ତିତ୍ୱ ହେବେ । ସ୍ତ୍ରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତି ଯୋଗୁଁ ଅଧିକାଂଶ ମହିଳା ଯୁଦ୍ଧ କ୍ଷେତ୍ରକୁ ଯାଆନ୍ତି ନାହିଁ । ସେମାନେ ଲଢ଼େଇ କରିପାରନ୍ତି ନାହିଁ କାରଣ ତାଙ୍କର ହୃଦୟ ନରମ ଥାଏ । ଜଣେ ସହାବିଆ ଆସି କହିଲେ ହଜୁର୍! ପୁରୁଷମାନେ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କରୁଛନ୍ତି ଓ ଶହିଦ୍ ହେବାର ଗୌରବ ହାସଲ କରୁଛନ୍ତି । ଆମେ ତାଙ୍କ ପିଲା ମାନଙ୍କର ରକ୍ଷଣା ବେକ୍ଷଣା କରୁଛୁ ଓ ଭଲ ତରବିୟତ୍ କରୁଛୁ । ଆମେ କିପରି ଶହିଦ୍ ପରି ସମ୍ମାନ ପାଇବୁ ? ଆପଣ ସ:ଆ:ସ କହିଲେ ନିଶ୍ଚିତ ରୂପେ ଆପଣମାନଙ୍କ ସ୍ଥାନ ମଧ୍ୟ ତାଙ୍କ ପରି ଅଟେ । କାରଣ ଶହିଦ୍‌ର ସନ୍ତାନମାନଙ୍କର ରକ୍ଷଣା ବେକ୍ଷଣା ଆପଣମାନେ କରୁଛନ୍ତି । ଓ ସେମାନଙ୍କୁ ଭଲ ତରବିୟତ୍ ଦେଇ ଦେଶ ପାଇଁ ସୁନାଗରୀକ ରୂପେ ଗଢ଼ି ତୋଳୁଛନ୍ତି । ଇମାମତ୍ କରିବା କୌଣସି ବଡ଼ ସମ୍ମାନ ନୁହେଁ ବରଂ ଇସ୍‌ଲାମ୍ କହୁଛି ଏହାଠାରୁ ଆହୁରି ବଡ଼ ବଡ଼ ସମ୍ମାନ ଅଛି ଯେପରି ଶହିଦ୍ ହେବା ଓ ଧର୍ମପରାୟଣ ହେବା । ମୁତ୍‌ତକି (ଧର୍ମପରାୟଣତା) ହେଉଛି ବଡ଼ ସମ୍ମାନ । ଇମାମତ୍ କରିବା ତ କଠିନ କାର୍ଯ୍ୟ ଅଟେ ।.....

ଜଣେ ପତ୍ରକାର ପ୍ରଶ୍ନ କଲେ ଯେ ବେଳେବେଳେ ମସ୍‌ଜିଦ୍‌କୁ ସନ୍ତ୍ରାସବାଦ ନିମନ୍ତେ ବ୍ୟବହାର କରାଯାଉଛି । ଏହାକୁ କିପରି ରୋକାଯାଇପାରିବ ?

ଏଥିରେ ହଜୁର୍ ଅନ୍‌ୱର୍ କହିଲେ ଯେ ସେଥିଯୋଗୁଁ ମୁଁ ବ୍ରିଟେନ୍ ଓ ଅନ୍ୟଦେଶମାନଙ୍କ ପ୍ରେସ୍‌କୁ ବତାଉଛି ଯେ ଏହି କାର୍ଯ୍ୟ ସରକାରଙ୍କର ଅଟେ ଯେ ଯେଉଁଠି ଭୁଲ୍ ଓ ଖରାପ କାର୍ଯ୍ୟକଳାପ ହେଉଛି ସେଠି ତାକୁ ଦମନ କରିବାର କାମ ସରକାରଙ୍କର ଅଟେ । ତେଣୁ ଯେଉଁଠି ମସ୍‌ଜିଦ୍‌ରେ ଛୋଟ ପିଲାମାନଙ୍କର ବ୍ରେନ୍ ୱାଶ୍ କରାଯାଉଛି ଏବଂ ରେଡ଼ିକଲାଇଜ୍ କରାଯାଉଛି ଓ ସନ୍ତ୍ରାସବାଦର ଶିକ୍ଷା ଦିଆଯାଉଛି ସରକାରଙ୍କୁ ଦରକାର ଯେ ତାଙ୍କୁ ଦମନ କରନ୍ତୁ । ମୁଁ ନିଜେ ମଧ୍ୟ ନିମନ୍ତ୍ରଣ କରିଥିଲି ଯେ ସରକାର ଆସି ଆମ ଖୁତ୍‌ବାକୁ ମଧ୍ୟ ମନିଟରିଂ କରନ୍ତୁ । ଯଦି ଆମେ ଦେଶର କାନୁନ୍ ବିରୋଧି କାର୍ଯ୍ୟ କିଛି କରୁଥିବୁ ବା ସମାଜର ଶାନ୍ତି କ୍ଷୁର୍ଣ୍ଣ କରୁଥିବୁ ତେବେ ଆମେ ଦଣ୍ଡପାଇବାର ହକ୍‌ଦାର୍ ହେବୁ । ଇଂଟରଭିଉର୍ ଏହି ପ୍ରୋଗ୍ରାମ୍ ୧୧:୩୫ ମିନିଟ୍ ପର୍ଯ୍ୟନ୍ତ ଚାଲୁ ରହିଲା । ତା ପରେ ହଜୁର୍ ଫ୍ୟାମିଲି ସାକ୍ଷାତ୍‌କାର ନିମନ୍ତେ ଆସିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର**

ଆଜି ସକାଳର ଏହି ସେଶନ୍‌ରେ ୫୦ ଟି ଫ୍ୟାମିଲିର ୧୭୨ ଜଣ ଲୋକ ହଜୁର୍ ଅନ୍‌ୱର୍‌ଙ୍କ ସହିତ ସାକ୍ଷାତ୍ କଲେ । ଏହି ଫ୍ୟାମିଲି ଗୁଡିକ ଜର୍ମାନୀର ଯମାତ୍‌ରୁ ଆସିଥିଲେ । କିଛି ଫ୍ୟାମିଲି ବହୁତ ଦୂର ଯାତ୍ରା କରି ଆସିଥିଲେ, ଯେପରି ସ୍କଟଗାର୍ଟରୁ ୨୧୦ କି.ମି, ଅଦ୍‌ୱର୍ ରୁ ୩୫୦ କି.ମି., ବର୍ଲିନ୍‌ରୁ ୫୫୦ କି.ମି. ଯାତ୍ରା ଅତିକ୍ରମ କରି ଏଠାରେ ଲୋକେ ପହଂଚିଥିଲେ । ସେମାନେ ସମସ୍ତେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇଲେ । ହଜୁର୍ ସ୍ନେହର ସହିତ ଛାତ୍ରଛାତ୍ର ମାନଙ୍କୁ କଲମ ଉପହାର ଦେଲେ ଓ ଛୋଟପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଏହି ସାକ୍ଷାତ୍‌କାର ପରେ ହଜୁର୍ ଦିନ ୨:୦୦ ର ନମାଜ ଜୋହର୍ ଏବଂ ଅସର୍ ଏକତ୍ର ପଢ଼ାଇଲେ ।

ଆଜି ରୋନ୍‌ହାମ୍ ଯମାତ୍‌ରେ ଗୋଟିଏ ମସ୍‌ଜିଦ୍‌ର ମୂଳଦୁଆ ରଖିବାର କାର୍ଯ୍ୟକ୍ରମ ଥିଲା । ସଂଧ୍ୟା ୫:୩୦ ରେ ହଜୁର୍ ରୋନ୍‌ହାମ୍ ସହର ନିମନ୍ତେ ଯାତ୍ରା କଲେ । ବଇତୁସ୍ ସବୁହ୍ ଫ୍ରଙ୍କଫର୍ଟରୁ ଏହି ସହରର ଦୂରତା ୩୦ କି.ମି ଅଟେ । ଆଜିର ଦିନଟି ଯମାତ୍ ରୋନ୍‌ହାମ୍‌ର ଲୋକମାନଙ୍କ ନିମନ୍ତେ ବହୁତ ଖୁସିର ଦିନ ଥିଲା । ସେଥିଯୋଗୁଁ ରୋନ୍‌ହାମ୍‌ର ସମସ୍ତ ଅହେମଦି ସେ ଛୋଟ ହେଉ ବା ବଡ଼ ହେଉ ଏଠାରେ ଉପସ୍ଥିତ ଥିଲେ । ହଜୁର୍ ଆସିବ କ୍ଷଣି ସମସ୍ତେ ସ୍ୱାଗତ କଲେ । ହଜୁର୍ ଅନ୍‌ୱର୍ ହାତ ଉଠାଇ ସମସ୍ତଙ୍କୁ ଅସ୍‌ସଲାମ୍ ୱ ଆଲୈକୁମ୍ କହିଲେ । ସେଠି ଯମାତ୍ ଅହେମଦୀୟା ରୋନ୍‌ହାମ୍‌ର ସଦର ସାହେବ୍ ନର୍ଥ ଶ୍ରୀଯକ୍ତ ଅତାଉଲ୍ ଗଫୁର୍ ସାହେବ୍, ସଦର ସାହେବ ରୋନ୍‌ହାମ୍ ଶ୍ରୀ କିଫାଇତୁଲ୍ଲାଃ ଚିମା ସାହେବ ଓ ରିଜିଓନାଲ୍ ଅମୀର ଦାଉଦ୍ ଅହେମଦ୍ କମର୍ ସାହେବ । ସେହିପରି ମୋବୋଲିଗ୍ ସିଲ୍‌ସିଲା ମୁହମ୍ମଦ୍ ବିଲାଲ୍ ଓଏସ୍ ସାହେବ, ହଜୁର୍ ଅନ୍‌ୱର୍‌ଙ୍କ ସ୍ୱାଗତ ନିମନ୍ତେ ଉପସ୍ଥିତ ଥିଲେ । ସମସ୍ତେ ସ୍ୱାଗତ କରି ହାତ ମିଳାଇଲେ । ଏହି ଅବସରରେ ରୋନ୍‌ହାମ୍ ସହରର ମେୟର୍ Thomas Juhe ସାହେବ ମଧ୍ୟ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । କ୍ରମଶଃ....

**(ବ ହୱାଲା ଅଖବାର୍ ବଦର, ୧୮ ମଇ ୨୦୧୭)**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 10-17 AUG 2017 Issue No. 32-33

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

**ଯୁବକ ମୁରବୀ (ମୋବଲିଗ୍) ମାନଙ୍କୁ ମୁଁ ବିଶେଷ ରୂପେ କହିବାକୁ ଚାହିଁବି ଯେ ଆପଣମାନେ ଭୟ କରନ୍ତୁ ନାହିଁ । ଆପଣମାନଙ୍କୁ ବିନା ଭୟରେ ପ୍ରତ୍ୟେକ ମାମଲାକୁ ବୁଦ୍ଧିମତାର ସହିତ କୋରାନ୍ ଶିକ୍ଷା ମୁତାବକ ଓ ଇସ୍‌ଲାମୀୟ ଶିକ୍ଷା ମୁତାବକ କୌଶଳର ସହିତ ସମାଧାନ କରିବାକୁ ହେବ । ଯେଉଁଠି ଝଗଡ଼ା ଦେଖିବେ ସେଠାରେ କହିଦିଅନ୍ତୁ ଯେ, ତୁମେ ଝଗଡ଼ା କରିବାକୁ ଚାହୁଁଛ ସେଥିଯୋଗୁଁ ତୁମର ଏହି ମାମଲାର ଉତର ଆମେ ଦେବୁନାହିଁ ।**

ଯମାତରେ ଏପରି ଅବସର ନ ଦିଅନ୍ତୁ ଯାହା ଫଳରେ ଯମାତ ବା ଯମାତର ଓହ୍‌ଦାଦାରମାନେ ଆପଣଙ୍କ ଆଡ଼କୁ ଆଙ୍ଗୁଳି ଦେଖାଇବେ । ଯାହା ମୁଁ ପ୍ରଥମରୁ କହିସାରିଛି ପୁଣିଥରେ, ପୁଣିଥରେ, ପୁଣିଥରେ କହୁଅଛି- ଯେ ନିଜର ଇସ୍‌ଲାହ୍ ପ୍ରଥମେ କର, ନଜର କାନି ସଫା ରଖିବ ଓ ପୁଣି ଆପଣମାନଙ୍କ ଉପରକୁ ଯଦି କିଏ ଆଙ୍ଗୁଳି ଉଠାଇବ ତେବେ ଯାଇ ତାକୁ ଧରିପାରିବା ।

## ମୋବୋଲିଗିନ୍ କରାମ୍‌ଙ୍କ ସହିତ ହଜୁର୍ ଅନୱର୍ ଅ:ବ:ଅ ଙ୍କ ମିଟିଙ୍ଗ୍ ଏବଂ (ଆପଣଙ୍କ) ଗୁରୁତ୍ୱପୂର୍ଣ୍ଣ ଉଦଦେଶ ।

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**ବାକି ରିପୋର୍ଟ ୧୭ ଏପ୍ରିଲ୍ ୨୦୧୭ (ସୋମବାର)**

ଯାମିଆ ବିଷୟରେ, ପଢ଼ାପଢ଼ି ବିଷୟରେ ବା ଛାତ୍ର ସମ୍ବନ୍ଧୀୟ କୌଣସୀ କଥା କହିବାକୁ ଅଛି ବା ଏପରି କୌଣସି ଅଭାବନୀୟ କଥା ଦେଖ ତା ହେଲେ ବିଷୟ ପ୍ରିନ୍‌ସିପାଲ୍‌ଙ୍କୁ ଜଣାନ୍ତୁ, ତା ପରେ ମତେ ଲେଖନ୍ତୁ । କଥା ଜଣାଇସାରିବା ପରେ ଆପଣମାନଙ୍କ କାମ ଶେଷ ହେଲା । ଯଦି ଏସବୁ ମାମଲା ନ ଜଣାନ୍ତି ତା'ହେଲେ ଆପଣମାନେ ଦୋଷୀ ହେବେ ।

ହଜୁର୍ କହିଲେ – ସେହିପରି ଅନ୍ୟ ମୁରବୀ (ମୋବଲିଗ୍) ମାନେ ଯେଉଁମାନେ ଫିଲ୍‌ଡ଼ରେ ଅଛ, ଯଦି କୌଣସି ଓହ୍‌ଦାଦାର୍ ଜଣେ ରିଜିଓନାଲ୍ ଅମିର ବା ଅନ୍ୟ କୌଣସି ବଡ଼ ଓହ୍‌ଦାଦାରମାନଙ୍କୁ ଏପରି କୌଣସି କାର୍ଯ୍ୟ କରିବାର ଦେଖ ଯାହା ଶିକ୍ଷାର ଖିଲାଫ୍ ବା ସିଲ୍‌ସିଲାର ଖିଲାଫ୍ ଅଟେ ତେବେ ତାଙ୍କୁ ସେଠି ରୋକିବାକୁ ଚେଷ୍ଟା କରନ୍ତୁ । ସେମାନଙ୍କୁ ସେତେବେଳେ ରୋକିପାରିବେ ଯେତେବେଳେ ପ୍ରଥମେ ଆପଣମାନେ ନିଜର ଇସ୍‌ଲାହ୍ କରିଥିବେ ।

ହଜୁର୍ କହିଲେ – ଆଉ ଗୋଟିଏ ଅଭିଯୋଗ ଅମୀର୍ ସାହେବଙ୍କ ବିଷୟରେ ଏ ଅଛି ଯେ ଆଜିକାଲି ବହୁତ କଂଟେମ୍ପରାରି ଇଶୁ ଅଛି ଯାହାର ଉତର ଦେବାକୁ ପଡୁଛି । **ମୌଏଜା ହସନା** ଅର୍ଥାତ୍-ଉତର ରୂପେ ହିକ୍‌ମତ୍ (ଯୁକ୍ତିଯୁକ୍ତ)ର ସହିତ ଉତର ଦେବାପାଇଁ ନିର୍ଦ୍ଦେଶ ଅଛି । ତାହା କରନ୍ତୁ । କିନ୍ତୁ ଲୋକମାନେ ମତେ ଅଭିଯୋଗ କରୁଛନ୍ତି ଯେ ଅମୀର ସାହେବ୍ କହୁଛନ୍ତି ଯେ ଡ଼ିପ୍ଲୋମାଟିକାଲ୍ ଉତର ଦିଅ ବୋଲି । ଆମ କାମ ଡ଼ିପ୍ଲୋମାସି ନୁହେଁ ।

ଆପଣମାନେ ଯଦି କଂଟେମ୍ପରାରୀ ଇଶୁ ବିଷୟରେ ଯବାବ୍ ଦେବାକୁ ଚାହୁଁଛନ୍ତି ଉଦାହରଣ ସ୍ୱରୂପ ମହିଳାଙ୍କ ସହିତ ହାତ ମିଳାଇବା, ମହିଳାଙ୍କ ପର୍ଦା ଓ ହୋମୋସେକ୍ସୁଆଲିଟି ଇତ୍ୟାଦି । ତା ହେଲେ ଏହାର ଉତର ଧର୍ମୀୟ ଶିକ୍ଷା ମୁତାବକ ଦେବାକୁ ହେବ । ଆମେ କୌଣସି ପେସ୍, କୌଣସି ଗଭର୍ଣ୍ଣମେଂଟ୍, କୌଣସି ସରକାରୀ କାର୍ଯ୍ୟାଳୟର ଭୟ ରଖିବା ନାହିଁ । ନା କୌଣସି ଖବରକାଗଜ ବା କୌଣସି ମିଡ଼ିଆକୁ ଡରିବା । କିନ୍ତୁ ଉତର ଏପରି ହେବା ଉଚିତ୍ ଯାହା ଯୁକ୍ତିଯୁକ୍ତ ହେବ । ବୌଦ୍ଧିକ ଉତର ହେବ । କିନ୍ତୁ ମନେରଖନ୍ତୁ ଉତର କପଟପୂର୍ଣ୍ଣ ବା ମିଥ୍ୟାଚାର ହେବା ଉଚିତ୍ ନୁହେଁ । ଡ଼ିପ୍ଲୋମାସି ଆମ କାମ ନୁହେଁ । ଲୋକେ ଏପରି ପ୍ରଶ୍ନ ମୋତେ ମଧ୍ୟ ପଚାରୁଛନ୍ତି, ମୁଁ ତାର ଉପଯୁକ୍ତ ଉତର ଦେଉଛି ତେଣୁ ଆମକୁ ଡ଼ରିବାର ଆବଶ୍ୟକ ନାହିଁ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ପ୍ରଥମ ମୂଳ କଥା ହେଉଛି ଯାହା ମୁଁ ବାରମ୍ବାର କହିସାରିଛି ଯେ ଧର୍ମ ସମାଜର ସଂସ୍କାର ପାଇଁ ଆସିଥାଏ । ଲୋକମାନଙ୍କ ସଂସ୍କାର ପାଇଁ ଆସିଥାଏ । ଧର୍ମ ଲୋକମାନଙ୍କ କଥାରେ ଚାଲିବା ପାଇଁ ଆସିନଥାଏ । ଆଜିକାଲି ସ୍ୱାଧୀନତା ନାମରେ ଯେଉଁ ସବୁ କାନୁନ୍ ବନା ହେଉଛି ତା ଭିତରେ ଦୁର୍ବଳତା ରହିଯାଇପାରେ ବା ତାହା ଭୁଲ୍ ହୋଇପାରେ । କିନ୍ତୁ ଅଲ୍ଲାଃତାଲାଙ୍କର କଥାରେ କୌଣସି ଭୁଲ୍ ବା ତ୍ରୁଟି ନଥାଏ । ଯାହାକିଛି ଧର୍ମ ଆମକୁ ଶିଖାଇଛି ତାହା ଭୁଲ୍ ହୋଇପାରିବ ନାହିଁ । ତେଣୁ ଆପଣମାନେ ଧର୍ମୀୟ ନିୟମାନୁସାରେ ଉପଯୁକ୍ତ ଉତର ଦେବ । ନୂଆ ଯୁବକ ମୁରବି ମାନେ ପ୍ରଭାବିତ ହୋଇଯାଉଛନ୍ତି । ତେଣୁ ମୁରବୀମାନଙ୍କୁ ଡ଼ରିବାର କୌଣସି ଆବଶ୍ୟକ ନାହିଁ । ବିରୋଧ ହେବ ତ ତବ୍‌ଲିଗ୍ ମଧ୍ୟ ହେବ । ସେମାନଙ୍କର ଇସ୍‌ଲାହ୍ ଆମେ ମରିବା । ଆମେ ତାଙ୍କୁ ଆମ ପଛରେ ଚଲାଇବା । ଆମେ ନିଜେ ଦୁନିଆର ଅନୁଶରଣ କରିବା ନାହିଁ । ହଜୁର୍ ଅନୱର୍ ଅ:ବ:ଅ କହିଲେ- ଯୁବକ ମୋବଲ୍ଲିଗ୍ ମାନଙ୍କୁ ମୁଁ ନିଃଶେଷ ରୂପେ କହିବାକୁ ଚାହିଁବି ଯେ ଆପଣମାନେ ଭୟ କରନ୍ତୁ ନାହିଁ । ଏବଂ ଆପଣମାନେ ନିର୍ଭୟ ହୋଇ ପ୍ରତ୍ୟେକ ମାମଲାକୁ ହିକ୍‌ମତ୍ (ବୁଦ୍ଧିମତା) ସହିତ କୋରାନ୍ ଶିକ୍ଷା ମୁତାବକ ଓ ଇସ୍‌ଲାମୀୟ ଶିକ୍ଷା ମୁତାବକ କୌଶଳର ସହ ସମାଧାନ କରିବେ । ଯେଉଁଠି ଝଗଡ଼ା ଦେଖିବେ ସେଠି କହିଦିଅନ୍ତୁ ଯେ, ତୁମେ ଝଗଡ଼ା କରିବାକୁ ଚାହୁଁଛ ସେଥିପାଇଁ ତୁମର ଏହି ମାମଲାର ଉତର ଆମେ ଦେବୁନାହୁଁ । କିନ୍ତୁ ଜଣେ ଧାର୍ମିକ ବ୍ୟକ୍ତି ହିସାବରେ, ଜଣେ ମିଶ୍‌ନାରୀ ହିସାବରେ ଆମେ ନିଶ୍ଚିତ ରୂପେ ଆମକୁ ଏହି ଶିକ୍ଷା ଉପରେ ଅମଳ କରିବାକୁ ପଡ଼ିବ, ଯାହା ଆମକୁ ଆମ ଧର୍ମ ଶିଖାଇଛି । ତେଣୁ ଯେଉଁ ସୂକ୍ଷ୍ମ ରେଖା ଡ଼ିପ୍ଲୋମାସି ଓ ହିକ୍‌ମତ୍ ମଧ୍ୟରେ ଅଛି ତାର ଧ୍ୟାନ ରଖିବା ଉଚିତ୍ । ଡ଼ିପ୍ଲୋମାସିରେ ମିଛି କହିବାକୁ ମଧ୍ୟ ପଡ଼ିଥାଏ । ତେଣୁ ମୌଲାନା ମଦୁଦିଙ୍କ ପରି କୁହନାହିଁ ଯେ ଯେଉଁଠି ଆବଶ୍ୟକ ପଡ଼ିବ ସେଠି ମିଛି କହିଦେଲେ ଚଳିବ ବୋଲି । ଆପଣମାନଙ୍କୁ ପ୍ରତ୍ୟେକ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan